# ଏକକ-୩ ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀର ଅବଦାନ

ଟିପ୍ପଣୀ

## ସଂରଚନା


୩.୦ ଉପକ୍ରମ

୩.୧ ଶିକ୍ଷଣ ଉଦ୍ଦେଶ୍ୟ

୩.୨ ଘଟଣା ୧ : ଦୁଇଟି ଗାଁର ଏବଂ ଗୋଟିଏ ସହର କାହାଣୀ

୩.୩ ଗୋଷ୍ଠୀ କ'ଣ ?

୩.୪ ଗୋଷ୍ଠୀ ଅଂଶଗ୍ରହଣର ମହତ୍ତ୍ୱ

୩.୫ ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅନ୍ତର୍ଭୁକ୍ତି ନିମିତ୍ତ ସରକାରୀ ପ୍ରୟାସ

୩.୬ ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅବଦାନ କରିପାରିବାର ଉପାୟ ସମୂହ

୩.୭ ବିଦ୍ୟାଳୟ ଶିକ୍ଷାର ଅଭିବୃଦ୍ଧି ନିମିତ୍ତ ଗୋଷ୍ଠୀ କି ଭୂମିକା ନିର୍ବାହ କରିପାରିବ

୩.୮ ବିଦ୍ୟାଳୟ - ପିତାମାତା ଏବଂ ଗୋଷ୍ଠୀ ଭାଗୀଦାରିତାର ବୃଦ୍ଧି କରିବା

୩.୯ ସ୍ଥାନୀୟ ସମ୍ବଳ ସବୁକୁ ଗୋଷ୍ଠୀ କିପରି ଚିହ୍ନଟ ଏବଂ ପରିଚାଳନା କରିପାରିବ

ଘଟଣା ୨ ଅଣୁ ଯୋଜନାରେ ଗୋଷ୍ଠୀ ସଂପୃକ୍ତି

୩.୧୦ ଘଟଣା ୩: ଗୋଷ୍ଠୀର ଭାବ ବିନିମୟ ଏବଂ ବିଦ୍ୟାଳୟ ଶିକ୍ଷା

୩.୧୧ କେଉଁ ଢାଞ୍ଚା ମାଧ୍ୟମରେ ଗୋଷ୍ଠୀ ପ୍ରତିନିଧିତ୍ୱ କରିପାରିବ

୩.୧୨ ଘଟଣା ୪: ଆମ୍ବେଦକର ପ୍ରାଥମିକ ଶାଳା, କୃଷିଭାଡି, ନଭସାରୀ, ଗୁଜରାଟ, ଫେବୃୟାରୀ୨୦୦୬

୩.୧୩ ଘଟଣା ୫: ଯୋବାନଟେକ୍ରି ପ୍ରାଥମିକ ବିଦ୍ୟାଳୟ, ଭାଦୋଦରା

୩.୧୪ ସାରାଂଶ

୩.୧୫ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୩.୧୬ ନିଜ ଅଗ୍ରଗତି ଆକଳନ ପାଇଁ ଉତ୍ତର

୩.୧୭ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୩.୦ ଉପକ୍ରମ

ଶୈକ୍ଷିକ ଅନୁଷ୍ଠାନର ପ୍ରଶାସନରେ ପରିଚାଳନା ଓ ତଦାରଖରେ ଗୋଷ୍ଠୀ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ, ଏହା ଶିକ୍ଷାରେ ଅନ୍ତର୍ଭୁକ୍ତ ଥିବା ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ତ ଏବଂ ଅନ୍ୟମାନେ ଅଧିକରୁ ଅଧିକ ଭାବେ ସ୍ୱୀକାର କରନ୍ତି । ଶିକ୍ଷାରେ ଗୋଷ୍ଠୀ ସଂପୃକ୍ତିର ନାଟକୀୟ ପ୍ରଭାବ ଶିକ୍ଷା ପ୍ରବେଶ ସୁବିଧା,(ନାମଲେଖା) ରକ୍ଷଣ ଓ ଗୁଣାତ୍ମକତା ଉପରେ ରହିଥିବା ସଂପର୍କରେ ବର୍ଦ୍ଧିଷ୍ଣୁ ପ୍ରମାଣ ରହିଛି । ସ୍ଥାନୀୟ ସ୍ତରରେ ଶୈକ୍ଷିକ ଅନୁଷ୍ଠାନଗୁଡିକରେ ପରିଚାଳନା ପାଇଁ ଗୋଷ୍ଠୀଗୁଡିକରେ ସଶକ୍ତିକରଣ କରିବା ସଂପର୍କିତ ଏକ ମୁଖ୍ୟ ସୁପାରିଶ ଜାତୀୟ ଶିକ୍ଷାନୀତି ୧୯୮୬ ଦ୍ୱାରା କରାଯାଇଥିଲା । ପ୍ରାଥମିକ ଶିକ୍ଷାର ପରିଚାଳନାରେ ଗୋଷ୍ଠୀର ସଦସ୍ୟମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି, ଏହା ନିଶ୍ଚିତ କରିବାପାଇଁ ଜିଲ୍ଲା ଶିକ୍ଷା ବୋର୍ଡ ଏବଂ ଗ୍ରାମଶିକ୍ଷା କମିଟି ଭଳି ଜିଲ୍ଲା ଓ ଉପଜିଲ୍ଲା ସ୍ତରରେ ଉପଯୁକ୍ତ ଆନୁଷ୍ଠାନିକ ଢାଞ୍ଚା ସ୍ଥାପନ ପାଇଁ ଜାତୀୟ ଶିକ୍ଷାନୀତି ସୁପାରିଶ କରିଥିଲା । ପଞ୍ଚାୟତ ରାଜ ଅନୁଷ୍ଠାନଗୁଡିକ ସଂପର୍କିତ ୭୩ ଓ ୭୪ ତମ ସମ୍ବିଧାନ ସଂଶୋଧନ ସହିତ ଗୋଷ୍ଠୀର ବିକେନ୍ଦ୍ରୀକରଣ ଏବଂ ସଶକ୍ତିକରଣ ଦିଗରେ ଅଗ୍ରଗତିକୁ ଅଧିକତ୍ତର ପ୍ରୋତ୍ସାହନ ମିଳିଥିଲା । ତାହାପରଠାରୁ ଭାରତର ବିଭିନ୍ନ ରାଜ୍ୟରେ ପ୍ରାଥମିକ ଶିକ୍ଷା ପରିଚାଳନାରେ ଗୋଷ୍ଠୀର ଅନ୍ତର୍ଭୁକ୍ତି କ୍ଷେତ୍ରରେ ଅଧିକ ପରିମାଣରେ ଅଭିଜ୍ଞତା ଏକତ୍ରୀକୃତ ହୋଇଛି । ବିଦ୍ୟାଳୟ ଶିକ୍ଷାର ଯୋଜନା ଓ ପରିଚାଳନାରେ ଗୋଷ୍ଠୀର ଅଂଶଗ୍ରହଣ ଉପରେ ସର୍ବଶିକ୍ଷା ଅଭିଯାନ ଗୁରୁତ୍ୱ ଆରୋପ କରେ, ଯାହା ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷାର ଲକ୍ଷ୍ୟ ହାସଲ ନିମିତ୍ତ ଏକ ଅସ୍ତ୍ର ଅଟେ । ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀର ଅବଦାନକୁ ବୁଝିବାରେ ଏହି ଏକକ ତୁମକୁ ସାହାଯ୍ୟ କରିବ । ବିଦ୍ୟାଳୟ ଶିକ୍ଷାରେ ପ୍ରବେଶ ଜନିତ ସୁବିଧା ଅଂଶଗ୍ରହଣ ଏବଂ ଗୁଣାତ୍ମକତା ଅଭିବୃଦ୍ଧିରେ ଗୋଷ୍ଠୀର ଗୁରୁତ୍ୱ ଉପରେ ବର୍ତ୍ତମାନର ଏକକ ଆଲୋକପାତ କରିଥାଏ ।

## ୩.୧ ଶିକ୍ଷଣ ଉଦ୍ଦେଶ୍ୟ ସମୂହ

ଏହି ଏକକଟିକୁ ପଢିସାରିବା ପରେ ତୁମେ ନିମ୍ନୋକ୍ତ କାର୍ଯ୍ୟଗୁଡିକୁ କରିବାରେ ନିଶ୍ଚିନ୍ତ ସମର୍ଥ ହେବ ।

୧. ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ କାହିଁକି ଓ କିପରି ଅନ୍ତର୍ଭୁକ୍ତ କରାଯାଇପାରିବ ତାହା ବୁଝିବାରେ

୨. ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅନ୍ତର୍ଭୁକ୍ତିର ଗୁରୁତ୍ୱ ବିଶ୍ଳେଷଣ କରିବାରେ

୩. ବିଦ୍ୟାଳୟ ଶିକ୍ଷାରେ ଅନ୍ତର୍ଭୁକ୍ତି ହେବା ପାଇଁ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ବହୁବିଧ ପଦ୍ଧତିଗୁଡିକ ବିଷୟରେ ଆଲୋଚନା କରିବାରେ

୪. କ୍ଷେତ୍ରସ୍ତରୀୟ ଅଭିଜ୍ଞତା ଯେଉଁଥିରୁ ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନେ ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅନ୍ତର୍ଭୁକ୍ତି ନିମିତ୍ତ ଆବଶ୍ୟକତାକୁ ଶିଖିବେ ଓ ବୁଝିବେ, ତାହା ବିଷୟରେ ଆଲୋଚନା କରିବାରେ

ଗୋଷ୍ଠୀର ଧାରଣା ଓ ବିଦ୍ୟାଳୟ ଶିକ୍ଷାରେ ଏହାର ଅବଦାନ ସଂପର୍କରେ ଏହି ଏକକ ତୁମକୁ ସ୍ପଷ୍ଟ କରିବ ।

## ଘଟଣା ୧ : ଦୁଇଟି ଗାଁ ଓ ଗୋଟିଏ ସହରର କାହାଣୀ

ମୋର ନାମ ଗୀତା । ମହତ ଭାବନା ଓ ପ୍ରବଳ ଆଗ୍ରହ ସହ ମୁଁ ଶିକ୍ଷା ବିଭାଗରେ କାର୍ଯ୍ୟକରେ । ସାନ୍‌ସି ଗାଁରେ ମୁଁ ପହଞ୍ଚେ । ପିଲାମାନେ ଖେଳୁଥିବାର, କ୍ଷେତରେ ସ୍ତ୍ରୀଲୋକମାନେ କାମକରୁଥିବାର ଏବଂ କେତେକ ଲୋକେ ଖଟ ଉପରେ ବସି ଗପୁଥିବାର ମୁଁ ଦେଖେ । ଆଞ୍ଚଳିକ ସାଧନ କେନ୍ଦ୍ର ଏବଂ ଗୋଷ୍ଠୀସାଧନ କେନ୍ଦ୍ର କେଉଁଠାରେ ମୁଁ ପାଇବି ବୋଲି ମୁଁ ସେମାନଙ୍କୁ ପଚାରେ । କିଛି ନ ଜାଣିବା ଭଳୀ ସେମାନେ ପରସ୍ପରକୁ ଦେଖନ୍ତି । ଅନ୍ୟାନ୍ୟ ବହୁ ଲୋକଙ୍କୁ ପଚାରି ମୁଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଭେଟିଲି । ସେ ତାଙ୍କ କାର୍ଯ୍ୟାଳୟ ବାହାର ବସିଥିଲେ । ଗ୍ରାମ୍ୟ ଶିକ୍ଷା କମିଟି ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନଙ୍କୁ ଭେଟିବାକୁ ତାଙ୍କୁ କହିଲି । ସେ ମୋତେ କହିଲେ ଯେ ସେମାନେ ବ୍ୟସ୍ତ ଅଛନ୍ତି । କେବଳ ଜଣେ ସଦସ୍ୟଙ୍କୁ ମୁଁ ଖୋଜି ପାଇଲି । ମୁଁ ଆଞ୍ଚଳିକ ସାଧନ କେନ୍ଦ୍ରକୁ ଗଲି ଓ ଏହା ଭିତର ଅନ୍ଧକାର ଥିଲା । ମୁଁ ତାଙ୍କୁ ବୈଠକର ବିବରଣୀ ପୁସ୍ତିକା ଦେଖାଇବା ପାଇଁ କହିଲି ଏବଂ ମୁଁ ଆବିଷ୍କାର କଲି ଯେ ସେଗୁଡିକ ଉପଯୁକ୍ତ ଭାବେ ରକ୍ଷଣାବେକ୍ଷଣ ହୋଇଛି, କିନ୍ତୁ ବୈଠକର କିଛି ବିବରଣୀ ନାହିଁ । ମୁଁ ବିଦ୍ୟାଳୟ ପରିଚାଳନା କମିଟିର ଦୁଇଜଣ ସଦସ୍ୟଙ୍କୁ ଭେଟିଲି ଯେଉଁମାନେ ବିଦ୍ୟାଳୟକୁ ଯାଉଥିବା ଦୁଇଜଣ ପିଲାଙ୍କର ପିତାମାତା ଥିଲେ । ସେମାନେ ମୋତେ ସୂଚନା ଦେଲେ ଯେ ଗତ ୬ମାସ ହେବ ସେମାନେ କୌଣସି ବୈଠକରେ ଭାଗନେଇ ନାହାନ୍ତି । ମୁଁ ଗାଁର ଦୁଇଟି ବିଦ୍ୟାଳୟ ପରିଦର୍ଶନ କଲି ଏବଂ ଦେଖିଲି ଯେ ପିଲା ଓ ଶିକ୍ଷକମାନେ ଅନୁପସ୍ଥିତ ଅଛନ୍ତି । ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା କିନ୍ତୁ ପରିମାଣ ପର୍ଯ୍ୟାପ୍ତ ନଥିଲା । ମୁଁ ବିଚଳିତ ହୋଇ ପଡିଲି ଓ ଭାବିବାକୁ ଲାଗିଲି ଯେ ଲୋକମାନେ ବିଦ୍ୟାଳୟ ପରିଚାଳନାରେ କାହିଁକି ଆଗ୍ରହୀ ହେଉନାହାନ୍ତି ? କାହିଁକି ଗ୍ରାମ୍ୟ ଶିକ୍ଷା କମିଟି ସଦସ୍ୟମାନେ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ଉପସ୍ଥାନକୁ ତଦାରଖ କରୁନାହାନ୍ତି ?

କିଛିଦିନ ପରେ ମୁଁ ସୁରଖା ଗ୍ରାମକୁ ଗଲି ଏବଂ ଅନ୍ୟ ଯେ କୌଣସି ଗାଁ ଭଳି ଏହାର ଦୃଶ୍ୟପଟ ଥିଲା । ମୁଁ ସେମାନଙ୍କୁ ଆଞ୍ଚଳିକ ସାଧନ କେନ୍ଦ୍ରକୁ ବାଟ ଦେଖାଇଦେବା ପାଇଁ କହିଲି । ଜଣେ ଯୁବକ ମୋତେ ଆଞ୍ଚଳିକ ସାଧନ କେନ୍ଦ୍ରକୁ ନେଇଗଲା ଯେଉଁଠାରେ କିଛି ଶିକ୍ଷକ ବସି ସେମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରୁଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୋତେ ବିଦ୍ୟାଳୟକୁ ନେଇଗଲେ ଯେଉଁଠି ଅଧିକାଂଶ ଶିକ୍ଷକ ଓ ଶିକ୍ଷାର୍ଥୀ ସେମାନଙ୍କ ଶ୍ରେଣୀ ଗୃହରେ ଥିବାର ମୁଁ ଦେଖିଲି ଏବଂ ଆଉ କେତେକ ଶିକ୍ଷାର୍ଥୀ କଳା ଶ୍ରେଣୀରେ ଥିଲେ । ମୁଁ ଯେତେବେଳେ ନଥିପତ୍ର କଥା ପଚାରିଲି ସେମାନେ ମୋତେ ତତ୍‌କ୍ଷଣାତ୍ ସମସ୍ତ ନଥିପତ୍ର ଦେଖାଇଲେ । ମୁଁ ଦେଖିକରି ଆଶ୍ଚର୍ଯ୍ୟ ହେଲି ଯେ ସେସବୁ ନଥିପତ୍ର ଉତ୍ତମ ରୂପେ ରକ୍ଷଣାବେକ୍ଷଣ ହୋଇଥିଲା ଏବଂ ଗ୍ରାମ୍ୟଶିକ୍ଷା କମିଟି ନଥିପତ୍ର ଉପଯୁକ୍ତ ଭାବେ ପ୍ରସ୍ତୁତ କରାଯାଇଥିଲା । ବିଦ୍ୟାଳୟ ବିକାଶ କମିଟିର ସଦସ୍ୟଥିବା ପିତାମାତାମାନେ କିପରି ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତ କରିଛନ୍ତି, ତାହା ସେମାନେ ଉତ୍ସାହର ସହ ବର୍ଣ୍ଣନା କଲେ । ସେମାନେ ମଧ୍ୟ ସୂଚିତ କଲେ ଯେ ମଧ୍ୟାହ୍ନ ଭୋଜନ ପାଇଁ ବ୍ୟବହାର କରାଯାଇଥିବା ବାସନ ସବୁ ଗୋଷ୍ଠୀର ଅବଦାନ । ଶିକ୍ଷାକ୍ଷେତ୍ରରେ

ଟିପ୍ପଣୀ

ଦୁର୍ବଳ ପିଲାମାନଙ୍କ ପାଇଁ ଗୋଷ୍ଠୀର କେତେକ ସଦସ୍ୟ ମଧ୍ୟ ଗଣିତ ଶିକ୍ଷାଦାନ କରୁଥିଲେ । ପିତାମାତାଙ୍କ ଭିତରୁ ଜଣେ ମଧ୍ୟାହ୍ନ ଭୋଜନ ତଦାରଖ ପାଇଁ ଯାଉଥିଲେ ଓ ଅନ୍ୟଜଣେ ଶିକ୍ଷାର୍ଥୀମାନଙ୍କୁ ସଙ୍ଗୀତ ଶିକ୍ଷା ଦେଉଥିଲେ । ବିଦ୍ୟାଳୟ ବିକାଶ ପରିଚାଳନା କମିଟିର ସଦସ୍ୟମାନେ ସୂଚନା ଦେଲେ ଯେ ସେମାନେ ଶିକ୍ଷାର ଗୁରୁତ୍ୱ ବିଶେଷକରି ଝିଅମାନଙ୍କ ଶିକ୍ଷା ନିମିତ୍ତ ସଚେତନତା ସୃଷ୍ଟି କରିବା ପାଇଁ ଖେଳର ଆୟୋଜନ କରନ୍ତି ଏବଂ ଶିକ୍ଷାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତର ବ୍ୟବସ୍ଥା କରନ୍ତି । ସାମାଜିକ କର୍ମକର୍ତ୍ତା ଏବଂ ଶିକ୍ଷକମାନଙ୍କ ସାହାଯ୍ୟରେ ସଦସ୍ୟମାନେ ବିଦ୍ୟାଳୟକୁ ଆସୁନଥିବା ପିଲାମାନଙ୍କର ପରିବାରକୁ ପରିଦର୍ଶନ କରୁଥିଲେ । ଆମେ ଭେଟିଥିବା ଲୋକମାନେ ଗୋଷ୍ଠୀର ପ୍ରଚେଷ୍ଟାକୁ ପ୍ରଶଂସା କଲେ ଏବଂ ସେମାନେ ମଧ୍ୟ ଗ୍ରାମ୍ୟ ଶିକ୍ଷା କମିଟି । ବିଦ୍ୟାଳୟ ବିକାଶ କମିଟି ଭଳି ଢାଞ୍ଚା ସଂପର୍କରେ ସଚେତନ ଥିଲେ ।

ମୁଁ ସହରାଞ୍ଚଳର ଭାଲସ୍ୱ ବସ୍ତି ପରିଦର୍ଶନ କଲି । ଗଳିଗୁଡିକ ଅଣଓସାରିଆ ଥିଲା ଏବଂ ଲୋକମାନେ ପାଣି ପାଇଁ ଧାଡିରେ ଠିଆ ହୋଇଥିଲେ । ପ୍ରସାଧାନ ସୁବିଧା ଆଦୌ ନଥିଲା ଏବଂ ଗଳିଗୁଡିକ ମଇଳା ପାଣିରେ ଭର୍ତ୍ତିଥିଲା । ମୁଁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଏବଂ ପିତାମାତା ଯିଏକି ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସେମାନଙ୍କୁ ଭେଟି ପାରିବି କି ବୋଲି ପଚାରିଲି । ସେମାନେ ମୋତେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କର ଫୋନ୍ ନମ୍ବର ଦେଲେ ଏବଂ ମୁଁ ପିତାମାତାଙ୍କୁ ଭେଟି ପାରିଲି ନାହିଁ କାରଣ ସେମାନେ କାମ ପାଇଁଯାଇଥିଲେ । ପରଦିନ ମୁଁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଓ ଦୁଇଜଣ ପିତାମାତାଙ୍କୁ ଭେଟିଲି । ଯେତେବେଳେ ମୁଁ ନଥିପତ୍ରକୁ ତଦାରଖ କଲି, ପୂର୍ବବର୍ଷ କେବଳ ଦୁଇଟି ବୈଠକ ହୋଇଥିବାର ଦେଖିଲି ଏବଂ ସେମାନଙ୍କ ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ଓ ଦୀର୍ଘ ସମୟ କାର୍ଯ୍ୟରୁ ସେମାନେ ସମୟ ପାଉନଥିବାରୁ ବିଦ୍ୟାଳୟ କାର୍ଯ୍ୟ ତଦାରଖ କରିବାରେ ସେମାନେ ସେମାନଙ୍କର ଅସାମର୍ଥ୍ୟତା ପ୍ରଦର୍ଶନ କଲେ । ତେବେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜଣେ ପ୍ରତିନିଧି ମୋତେ ସେମାନେ ପିଲାମାନଙ୍କ ପାଇଁ ଚଳାଉଥିବା ସଂଯୋଗୀ ପାଠ୍ୟକ୍ରମ କେନ୍ଦ୍ର ଦେଖାଇଲେ ଏବଂ ବିଦ୍ୟାଳୟରେ ନାମ ଲେଖାଇ ନଥିବା ପିଲା ଓ ବିଦ୍ୟାଳୟକୁ ନିୟମିତ ଆସୁନଥିବା ପିଲାମାନଙ୍କୁ ଚିହ୍ନଟ କରିବା ନିମିତ୍ତ ପରିବାର ସର୍ବେକ୍ଷଣରେ ସେମାନେ ସଂପୃକ୍ତ ଥିଲେ । ଏହି ସ୍ୱେଚ୍ଛାସେବୀ ସଂସ୍ଥାଟି ଶିକ୍ଷାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରୁଥିଲା ଓ ସଂଯୋଗୀ ପାଠ୍ୟକ୍ରମ କେନ୍ଦ୍ର ଚଳାଉଥିଲେ । ଏବଂ ପିଲାମାନଙ୍କୁ ନାମ ଲେଖାରେ ସାହାଯ୍ୟ କରିବା ପାଇଁ ସରକାରୀ ବିଦ୍ୟାଳୟଗୁଡିକୁ ନିୟମିତ ପରିଦର୍ଶନ କରୁଥିଲା । ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ସେମାନେ ମଧ୍ୟ ପାଠତ୍ୟାଗୀ ପିଲାମାନଙ୍କୁ ସାହାଯ୍ୟ କରୁଥିଲେ ।

**ନିଜ ଅଗ୍ରଗତି ଆକଳନ - ୧**

ବି.ଦ୍ର: ତୁମର ଉତ୍ତର ଲେଖିବା ପାଇଁ ତଳେ ସ୍ଥାନ ଦିଆଯାଇଛି ।

୧. ଦୁଇଟି ଗାଁ ଓ ଗୋଟିଏ ସହରର କାହାଣୀ ପଢିବା ପରେ ତୁମେ କ'ଣ ଅନୁଭବ କଲ? କାହାଣୀର କେଉଁ ଗାଁ/ସହର ତୁମ ସ୍ଥାନ ସହିତ ସମାନ?

ଟିପ୍ପଣୀ

..........................................................................................

..........................................................................................

.............................................................

୨. ସୁରଖା ଗାଁରେ ଗୋଷ୍ଠୀ କିପରି ଅନ୍ତର୍ଭୁକ୍ତ ହୋଇଛି ? ସେମାନଙ୍କର କାର୍ଯ୍ୟସବୁକୁ ବର୍ଣ୍ଣନା କର ।

..........................................................................................

..........................................................................................

.............................................................

୩. ଭାଇସ୍ୱ ବସ୍ତିରେ ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ କିଏ ମଧ୍ୟସ୍ଥି ଅଟନ୍ତି ? ତୁମ ଅଞ୍ଚଳରେ ଏହି ଭଳି ଅନୁଷ୍ଠାନଗୁଡ଼ିକର ନାମ ଖୋଜି ବାହାର କର ଓ ସେମାନେ କିପରି ଅବଦାନ କରୁଛନ୍ତି ?

..........................................................................................

..........................................................................................

.............................................................

୪. ସୁରଖା କିପରି ସାନ୍‌ସି ଗାଁ ଠାରୁ ଭିନ୍ନ ?

..........................................................................................

..........................................................................................

.............................................................

## ୩.୩ ଗୋଷ୍ଠୀ କ'ଣ ?

ସମାନ ଆଗ୍ରହ ଏବଂ ଏକତ୍ର କାର୍ଯ୍ୟ କରୁଥିବା ଗୋଟିଏ ବର୍ଗ/ଶ୍ରେଣୀର ଲୋକମାନଙ୍କ ଦ୍ୱାରା ଗୋଷ୍ଠୀ ଗଠିତ ହୋଇଥାଏ । ଆମେ ସମସ୍ତେ ଗୋଟିଏ ଗୋଷ୍ଠୀରେ ବାସକରୁ ଏବଂ କେତେକ ସାଧାରଣ ଉପାଦାନଗୁଡ଼ିକ ଆମକୁ ଗୋଷ୍ଠୀରେ ବାନ୍ଧି ରଖେ, ଯାହା :-

- ଭାଷା
- କ୍ଷେତ୍ର / ଅଞ୍ଚଳ
- ପ୍ରଥା
- ପରମ୍ପରା ଓ ସଂସ୍କୃତି
- ବୃତ୍ତି
- ସାଧାରଣ ଲକ୍ଷ୍ୟ

ଟିପ୍ପଣୀ

## ୩.୪ ଗୋଷ୍ଠୀ ଅଂଶଗ୍ରହଣର ମହତ୍ତ୍ୱ

କ୍ରମବର୍ଦ୍ଧିଷ୍ଣୁ ଅନୁଭବ ଏହା ଯେ, ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମଗୁଡିକରେ ଲୋକ ବିଶେଷକରି ଗ୍ରାମୀଣ ଗରିବ ଓ ଭୂମିହୀନ ଶ୍ରମିକ, ବସ୍ତି ଓ ବିକ୍ଷିପ୍ତ ଜନବସତିରେ ବାସକରୁଥିବା ସହରାଞ୍ଚଳର ପ୍ରାନ୍ତୀୟ ବର୍ଗ, ଅନୁସୂଚିତ ଜାତି ଓ ଜନଜାତି ଭଳି ବଂଚିତ ଗୋଷ୍ଠୀ ଏବଂ ମହିଳାମାନଙ୍କ ଅନ୍ତର୍ଭୁକ୍ତି ଆବଶ୍ୟକ ଅଟେ ।

ଶିକ୍ଷାକୁ ସାର୍ବଜନୀନ କରିବା, ଶିକ୍ଷାକାର୍ଯ୍ୟକ୍ରମରେ ଗୋଷ୍ଠୀ ଅଂଶଗ୍ରହଣର ଉଦ୍ଦେଶ୍ୟ ଅଟେ, ଯାହାର ଅର୍ଥ : ସମସ୍ତ ପିଲାମାନଙ୍କ ପାଇଁ ଶିକ୍ଷାର ଉପଲବ୍ଧତା, ସମସ୍ତ ପିଲାଙ୍କ ନାମ ଲେଖା ଏବଂ ସମସ୍ତ ପିଲାଙ୍କ ଅବଧାରଣ ପାଇଁ ବ୍ୟବସ୍ଥାକୁ ଦାୟିତ୍ୱ ସଂପନ୍ନ କରିବା ଇତ୍ୟାଦି ଅଟେ । ଶୈକ୍ଷିକ ବିତରଣର ଅଭିବୃଦ୍ଧି ନିମିତ୍ତ ଶିକ୍ଷାକାର୍ଯ୍ୟକ୍ରମରେ ଗୋଷ୍ଠୀ ଓ ପିତାମାତା/ପରିବାରଗୁଡିକର ସଂପୃକ୍ତି ପାଇଁ ଯେ କୌଣସି କାର୍ଯ୍ୟର ଲକ୍ଷ୍ୟ ହୋଇଥାଏ ଯାହା ଫଳରେ ଅଧିକ ପିଲା ପଢନ୍ତି ଏବଂ ପରିବର୍ତ୍ତନଶୀଳ ପୃଥିବୀ ପାଇଁ ଉତ୍ତମ ରୂପେ ପ୍ରସ୍ତୁତ ହୁଅନ୍ତି ।

ଶୈକ୍ଷିକ ବ୍ୟବସ୍ଥାକୁ ଦକ୍ଷ କରିବା ନିମିତ୍ତ ଆବଶ୍ୟକୀୟ ଆର୍ଥିକ, ମାନବୀୟ ଏବଂ ଭୌତିକ ସମ୍ବଳ ସମୂହର ଅଭିବୃଦ୍ଧି ପାଇଁ ଗୋଷ୍ଠୀ ଅଂଶଗ୍ରହଣ ଏକ ଉପାୟ ଅଟେ । ଜନସଂଖ୍ୟାର ସମସ୍ତ ବର୍ଗ ବିଶେଷକରି ଦୁର୍ବଳ ବର୍ଗର ଆବଶ୍ୟକତା, ସମସ୍ୟା, ଆକାଂକ୍ଷା ଏବଂ ଆଗ୍ରହ ଅନୁଯାୟୀ ଶିକ୍ଷା ଅନୁକୂଳନ ନିମିତ୍ତ ଅଂଶଗ୍ରହଣ ମଧ୍ୟ ଆବଶ୍ୟକ ।

ଶିକ୍ଷାର ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ବିଶେଷକରି ସମାନ ସୁଯୋଗ ହାସଲ କରିବା ପରିପ୍ରେକ୍ଷିରେ ଅଂଶଗ୍ରହଣ ମଧ୍ୟ ଅତ୍ୟାବଶ୍ୟକ ଅଟେ । ଶିକ୍ଷାବ୍ୟବସ୍ଥା ପ୍ରତି ଉଦାସୀନ ହେବାରୁ ଗୋଷ୍ଠୀକୁ ଦୂରେଇ ରଖିବା ନିମିତ୍ତ ଅଂଶଗ୍ରହଣ ଅପରିହାର୍ଯ୍ୟ ଅଟେ । ପ୍ରଚେଷ୍ଟାକୁ ଉଜ୍ଜୀବିତ କରିବା ନିମିତ୍ତ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ଅଟେ ।

## ୩.୫ ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅନ୍ତର୍ଭୁକ୍ତି ନିମିତ୍ତ ସରକାରୀ ପ୍ରୟାସ

ଗୋଷ୍ଠୀ ପ୍ରତି ଅଧିକ ପ୍ରତିକ୍ରିୟାଶୀଳ ଏବଂ ଉତ୍ତରଦାୟୀ ଏକ ଶିକ୍ଷା ବ୍ୟବସ୍ଥା ପାଇଁ ବହୁବିଧ ସରକାରୀ ବିବରଣୀ ଓ ନୀତି ସମୂହ ଯୁକ୍ତି ଉପସ୍ଥାପିତ କରନ୍ତି । ତେଣୁ, ୧୯୮୦ର ମଧ୍ୟ ଭାଗରେ ଗୋଷ୍ଠୀ ଅଂଶଗ୍ରହଣ ଆଲୋଚନାର ଏକ ମୁଖ୍ୟ କାର୍ଯ୍ୟସୂଚୀରେ ପରିଣତ ହେଲା, ଯେତେବେଳେ ଶୈକ୍ଷିକ ସଂସ୍କାର ଓ ପରିବର୍ତ୍ତନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରୂପେ ବିକେନ୍ଦ୍ରୀକରଣ ସ୍ୱିକୃତିଲାଭ କରିବାକୁ ଆରମ୍ଭ କଲା । ଜାତୀୟ ଶିକ୍ଷାନୀତି (୧୯୮୬/୧୯୯୨) ଏବଂ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ସାମ୍ବିଧାନିକ ପୁନଃପ୍ରବର୍ତ୍ତନ (୭୩ତମ ଓ ୭୪ତମ ସାମ୍ବିଧାନିକ ସଂଶୋଧନ ମାଧ୍ୟମରେ) ମାଧ୍ୟମରେ ବିଦ୍ୟାଳୟକୁ ସହାୟତା ଦେବା ନିମିତ୍ତ ସ୍ଥାନୀୟ ଭିତ୍ତିରେ ଆନୁଷ୍ଠାନିକ ବ୍ୟବସ୍ଥା / ପ୍ରଥାମାନ ସୃଷ୍ଟି ଏବଂ କାର୍ଯ୍ୟକାରୀ କରିବା ପାଇଁ ଗୋଷ୍ଠୀ ସଶକ୍ତିକରଣ ଦ୍ୱାରା ବିଦ୍ୟାଳୟ ବ୍ୟବସ୍ଥାରେ ସଂସ୍କାର ନିମିତ୍ତ ସ୍ଥାନୀୟ ସ୍ୱାୟତ ସଂସ୍ଥାଗୁଡିକ ଏକ ପ୍ରସଙ୍ଗ ସୃଷ୍ଟି କଲେ ।

- ବିଶେଷତଃ ପ୍ରାରମ୍ଭିକ ସ୍ତରରେ, ବିଦ୍ୟାଳୟ ଶିକ୍ଷାର ଯୋଜନା ଏବଂ ପରିଚାଳନାରେ ଜିଲ୍ଲାଗୁଡିକର ସାମର୍ଥ୍ୟ ଗଠନ ଉପରେ ଆଲୋକପାତ ସହିତ ବିଦ୍ୟାଳୟ ଶିକ୍ଷାବ୍ୟବସ୍ଥା ନିମିତ୍ତ ଏକ ସମନ୍ୱିତ ଏବଂ ବିକେନ୍ଦ୍ରୀକରଣ ପନ୍ଥା ପାଇଁ ଜାତୀୟ ଶିକ୍ଷାନୀତି (୧୯୮୬)

ଓ ଏହାର ଆନୁସଙ୍ଗିକ କାର୍ଯ୍ୟକାରୀନୀତି ଆହ୍ୱାନ କରିଥାଏ । ସମଗ୍ର ଶିକ୍ଷା ବ୍ୟବସ୍ଥାର ଅଭିବୃଦ୍ଧି କରିବା ଏବଂ ପ୍ରଶାସନର ପ୍ରତ୍ୟେକ ସ୍ତରରେ ଉତ୍ତରଦାୟୀ ହେବା ନିମିତ୍ତ ଏକ ଉପଯୁକ୍ତ ଢାଞ୍ଚା ସୃଷ୍ଟି କରିବା ପାଇଁ ଗୋଷ୍ଠୀ ଅଂଶ ଗ୍ରହଣ ଏକ ମୌଳିକ ଆବଶ୍ୟକତା ରୂପେ ବିବେଚିତ ହୋଇଥାଏ । ଗୋଷ୍ଠୀ ବିକାଶ କ୍ଷେତ୍ରରୁ ଗୋଷ୍ଠୀ ଅଂଶଗ୍ରହଣ ବା ଲୋକ କିମ୍ବା ତୃଣମୂଳ ସ୍ତରର ଗଣତନ୍ତ୍ର ସଶକ୍ତିକରଣ ଉପରେ ଗୁରୁତ୍ୱ ସ୍ଥାନିତ ହେଲା । ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଲୋକମାନଙ୍କର କ୍ଷମତା ରହିବା ଆବଶ୍ୟକ ବୋଲି ନୀତି ଦସ୍ତାବିଜରେ ଗୁରୁତ୍ୱ ସ୍ଥାନିତ ହେଲା । ନିଷ୍ପତ୍ତିନେବା ପ୍ରକ୍ରିୟାରେ ଲୋକମାନଙ୍କର କ୍ଷମତା ରହିବା ଆବଶ୍ୟକ ବୋଲି ନୀତି ଦସ୍ତାବିଜରେ ଗୁରୁତ୍ୱ ଆରୋପ କରାଗଲା । ଗ୍ରାମ/ଓ୍ୱାର୍ଡ,ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ବିଦ୍ୟାଳୟ ଶିକ୍ଷାର ଯୋଜନା କରିବାରେ, ଗୋଷ୍ଠୀ ବିଦ୍ୟାଳୟ କାର୍ଯ୍ୟଗୁଡ଼ିକରେ ସଂପୃକ୍ତ ହେବା ଉଚିତ ।

- ଶିକ୍ଷାନୀତି ଏବଂ କାର୍ଯ୍ୟକାରୀ ନୀତି ଅନୁସାରେ ଗ୍ରାମ୍ୟ ଶିକ୍ଷା କମିଟି ଓ ଅନ୍ୟାନ୍ୟ ବିଭିନ୍ନ ଅଂଶଗହଣକାରୀ ଢାଞ୍ଚା, ଭଳି ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସ୍ଥାପିତ କରିବା ନିମିତ୍ତ ରାଜ୍ୟ ସରକାରମାନେ ପଦକ୍ଷେପ ନେଇଥିଲେ ।

- ଘରଘର ସର୍ବେକ୍ଷଣ ଏବଂ ପିତାମାତାଙ୍କ ସହ ସମୟ ଭିତ୍ତିକ ଆଲୋଚନା ମାଧ୍ୟମରେ ଗାଁରେ ବିଦ୍ୟାଳୟ ନକ୍ସା ଅଙ୍କନ ଓ ଅଣୁସ୍ତରୀୟ ଯୋଜନା ପ୍ରସ୍ତୁତ କରିବା ଗ୍ରାମ୍ୟ ଶିକ୍ଷା କମିଟିର ମୁଖ୍ୟ ଦାୟିତ୍ୱ ହେବା ଉଚିତ୍ । ବିଦ୍ୟାଳୟର ଫଳପ୍ରଦ ଓ ନିୟମିତ କାର୍ଯ୍ୟକାରୀତା ତତ୍ତ୍ୱାବଧାନ, ଶିକ୍ଷକ/ଉପଦେଷ୍ଟା ଏବଂ ଗୋଷ୍ଠୀ ଭାଗୀଦାରିତାର ବିଷେଶ ତଥା ସମସ୍ତ ସଭ୍ୟମାନଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରିବା ନିମିତ୍ତ ଏହି କମିଟିଗୁଡ଼ିକର ଅନ୍ୟାନ୍ୟ କାର୍ଯ୍ୟମଧ୍ୟରେ ଗୋଷ୍ଠୀ ସଚେତନାତା ସୃଷ୍ଟି ଅର୍ନ୍ତଭୁକ୍ତ କରିଥାଏ ।

- ଗ୍ରାମ୍ୟ ଶିକ୍ଷା କମିଟ୍, ବିଦ୍ୟାଳୟ ପରିଚାଳନା କମିଟି, ମାତୃଶିକ୍ଷକସଂଘ, ଅଭିଭାବକ ଶିକ୍ଷକ ସଂଘ, ମାତୃସଂଘ ଓ ମହିଳା ତଦାରଖ ଦଳ ଭଳି ବିବିଧ ତୃଣମୂଳ ସ୍ତରର ଢାଞ୍ଚାମାନ ସୃଷ୍ଟି ସହିତ ବସ୍ତୁତଃ ଶିକ୍ଷାରେ ଗୋଷ୍ଠୀ ଅଂଶଗ୍ରହଣ ବାସ୍ତବତାରେ ରୂପାନ୍ତରିତ ହୋଇଛି । ନିର୍ଦ୍ଦିଷ୍ଟ ଭୂମିକା ଏବଂ ସଂପୃକ୍ତି ସହିତ ପ୍ରାରମ୍ଭିକ ଶିକ୍ଷାରେ ଗ୍ରାମ୍ୟଶିକ୍ଷା କମିଟି ଓ ଅଭିଭାବକ ଶିକ୍ଷକ ସଂଘ ଗଠନ ଉପରେ ଜିଲ୍ଲା ପ୍ରାଥମିକ ଶିକ୍ଷାକାର୍ଯ୍ୟକ୍ରମ, ସର୍ବଶିକ୍ଷା ଅଭିଯାନ ଭଳି ବିବିଧ ଶୈକ୍ଷିକ କାର୍ଯ୍ୟକ୍ରମ ଅଧୀନରେ ମିଶ୍ରିତ ଗୁରୁତ୍ୱ ଆରୋପ କରାଯାଇଛି । ଯଦିଓ ସାରା ରାଜ୍ୟରେ ପ୍ରତ୍ୟେକ ବିଦ୍ୟାଳୟରେ ଗ୍ରାମ୍ୟଶିକ୍ଷା କମିଟି ଏବଂ ଅଭିଭାବକ ଶିକ୍ଷକ ସଂଘ ଗଠନ କରାଯାଇଛି, ସେମାନଙ୍କ ସ୍ୱରୂପ, ଗଠନ, ଭୂମିକା ତଥା ଦାୟିତ୍ୱସବୁରେ ବିବିଧତା ଲକ୍ଷ୍ୟ କରାଯାଏ ।

- ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମିତ୍ତ ଶିଶୁ ଅଧି ନିୟମ ୨୦୦୯ ସବୁ ବିଦ୍ୟାଳୟ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରିବା ବାଧ୍ୟତାମୂଳକ କରିଛି ଏବଂ ପ୍ରାରମ୍ଭିକ ଶିକ୍ଷା ଯୋଜନା ଓ ପରିଚାଳନାରେ ଗ୍ରାମ୍ୟ ଶିକ୍ଷା କମିଟି ଓ୍ୱାର୍ଡ କମିଟିର କାର୍ଯ୍ୟଗୁଡ଼ିକୁ ମଧ୍ୟ ନିର୍ଦ୍ଧାରଣ କରିଛି ଯାହା ଏକକ-୪ ରେ ଅଧିକ ବିସ୍ତୃତ ଭାବରେ ଆଲୋଚନା ହେବ ।

ଟିପ୍ପଣୀ

ଟିପ୍ପଣୀ

ନିଜ ଅଗ୍ରଗତି ଆକଳନ - ୨

ବି:ଦ୍ର: ତୁମ ଉତ୍ତର ଲେଖିବା ପାଇଁ ତଳେ ସ୍ଥାନ ଦିଆଯାଇଛି ।

୧. ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅଂଶଗ୍ରହଣର ଗୁରୁତ୍ୱ ସ୍ପଷ୍ଟରୂପେ ଉଲ୍ଲେଖ କର ।

.......................................................................................................

.......................................................................................................

..........................................................

୨. ଶିକ୍ଷା ଯୋଜନା ଓ ପରିଚାଳନା କରିବାରେ ଗ୍ରାମ୍ୟ ଶିକ୍ଷା କମିଟିର କାର୍ଯ୍ୟ ବର୍ଣ୍ଣନା କର ।

.......................................................................................................

.......................................................................................................

..........................................................

## ୩.୬ ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅବଦାନ କରିପାରିବାର ଉପାୟ ସମୂହ

ଲୋକମାନଙ୍କ ପାଖକୁ ଯାଅ
ସେମାନଙ୍କୁ ଭଲ ପାଅ
ସେମାନଙ୍କ ପାଖରେ ରୁହ

ସେମାନଙ୍କ ସହ ଶିଖ
ସେମାନଙ୍କ ସହ ତୁମର ଜ୍ଞାନକୁ ଯୋଡ
ସେମାନଙ୍କ ପାଖରେ ଯାହା ଅଛି ସେଠାରୁ ଆରମ୍ଭ କର
ତୁମକାମ ସରିବାପରେ ଲୋକମାନେ କହିବେ
ଆମଦ୍ୱାରା ଆମେ ଏହି ସବୁ କଲୁ

ଗୋଷ୍ଠୀ ସଂପୃକ୍ତି ଦାୟିତ୍ୱବାନ ପିଲା ଗଢିବାରେ ସାହାଯ୍ୟ କରେ । ବିଦ୍ୟାଳୟ ପରିଦର୍ଶନ, ବିଦ୍ୟାଳୟରେ ସେମାନଙ୍କ ପିଲାମାନଙ୍କ ଶିକ୍ଷଣରେ ସକ୍ରିୟ ଅଂଶଗ୍ରହଣ କରିବା, ଶ୍ରେଣୀ ଗୃହରେ ସ୍ୱାସ୍ଥ୍ୟରକ୍ଷା ଓ ଶିକ୍ଷାଦାନ/ ଶିକ୍ଷଣ ପ୍ରକ୍ରିୟା ତଦାରଖ କରିବା, ପିଲାମାନଙ୍କର କାର୍ଯ୍ୟ ସଂପାଦନ ସଂପର୍କରେ ଶିକ୍ଷକଙ୍କ ସହ ଆଲୋଚନା ଏବଂ ସେମାନଙ୍କ ପିଲାମାନଙ୍କର ଗୁଣାତ୍ମକ ଶିକ୍ଷଣ ପାଇଁ ସହାୟତା ପ୍ରଦାନ କରିବା ନିମିତ୍ତ ଏଗୁଡିକ ପିତାମାତା/ ଗୋଷ୍ଠୀ ଗୁଡିକୁ ଉତ୍ସାହିତ କରେ ।



ବିଭିନ୍ନ ଉପାୟଗୁଡିକ ମାଧ୍ୟମରେ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରାଯାଇପାରିବ:

- ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କ ପାଇଁ ସର୍ବେକ୍ଷଣ, ଶିଶୁ ଶ୍ରମିକ ସମସ୍ୟା ଉପରେ ସଚେତନା ଅଭିଯାନ, ନାମ ଲେଖା ଅଭିଯାନରେ ଅଂଶଗ୍ରହଣ କରିବା ।
- ବିଦ୍ୟାଳୟ ନକ୍ସାଅଙ୍କନ କାର୍ଯ୍ୟକ୍ରମ, ବିଦ୍ୟାଳୟ ସ୍ଥାନ ନିର୍ଣ୍ଣୟ, କୋଠାବାଡି, ଶ୍ରେଣୀଗୃହ, ଶୌଚାଳୟ ଓ ପାନୀୟଜଳ ସୁବିଧା ଭଳି ଭିତ୍ତିଭୂମିର ଉପଲବ୍ଧତାରେ ଅଂଶଗ୍ରହଣ କରିବା ।
- ଅର୍ଥ, ସାମଗ୍ରୀ ଓ ଶ୍ରମଦାନ ମାଧ୍ୟମରେ ଅନ୍ତର୍ଭୁକ୍ତ ହେବା
- ବିଦ୍ୟାଳୟରେ ପିତାମାତାମାନଙ୍କ ସଭାରେ ଉପସ୍ଥିତ, ଶ୍ରେଣୀ ଗୃହରେ ସ୍ୱାସ୍ଥ୍ୟରକ୍ଷା ଓ ଶିକ୍ଷାଦାନ/ଶିକ୍ଷଣ ପ୍ରକ୍ରିୟା ତଦାରଖ କରିବା, ପିଲାମାନଙ୍କର କାର୍ଯ୍ୟ ସଂପାଦନା ସଂପର୍କରେ ଶିକ୍ଷକଙ୍କ ସହ ଆଲୋଚନା ଆଦିରେ ଅଂଶଗ୍ରହଣ କରିବା / ଅନ୍ତଭୁକ୍ତ ହେବା ।
- ଭିତ୍ତିଭୂମି ବା ଶିକ୍ଷାଦାନ ପଦ୍ଧତିର କିପରି ଅଭିବୃଦ୍ଧି କରିବା ଭଳି ନିର୍ଦ୍ଦିଷ୍ଟ ସମସ୍ୟାରେ ପରାମର୍ଶ ଦେବା ମାଧ୍ୟମରେ ଅନ୍ତର୍ଭୁକ୍ତ ହେବା ।
- ସେବା ପ୍ରଦାନରେ, ଶିକ୍ଷକ ଅନୁପସ୍ଥିତ ଥିବା ବେଳେ ଶିକ୍ଷାଦାନ କରିବାରେ ବା ଶିକ୍ଷାର୍ଥୀମାନଙ୍କୁ ଏକ ବୃତ୍ତିଗତ କୌଶଳ/ସଂଗୀତ ଶିକ୍ଷାଦାନ କରିବା ମାଧ୍ୟମରେ ଅଂଶଗ୍ରହଣ କରିବା ।
- ପିଲାମାନଙ୍କର ଉପସ୍ଥାପନ, ଶିକ୍ଷକମାନଙ୍କର ନିୟମିତତା ତଦାରଖ କରିବା ।
- ମାଗଣା ପାଠ୍ୟପୁସ୍ତକ, ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ପାଖରେ ପୋଷାକ ପହଞ୍ଚିବା, ମଧ୍ୟାହ୍ନ ଭୋଜନର ନିୟମିତତା ଓ ଗୁଣାତ୍ମକତା ତଦାରଖରେ ଅନ୍ତର୍ଭୁକ୍ତ ହେବା ।

ଏହା ସୁସ୍ପଷ୍ଟ ଯେ ଗୋଷ୍ଠୀ ଶିକ୍ଷାର ସମ୍ଭାବ୍ୟ କ୍ଷେତ୍ରଗୁଡିକର ପରିସର ସମ୍ବଳ ସଂଚାଳନ ଏବଂ ଶ୍ରେଣୀ କୋଠରୀ ନିର୍ମାଣ, ନୀତି ପରିକଳ୍ପନାରେ ସଂପୃକ୍ତି କରାଯାଇ ତଦାରଖ କରିବାରେ ମଧ୍ୟ ସାହାଯ୍ୟ କରି ପାରିବେ । ଏହାକୁ ନିମ୍ନୋକ୍ତ ସାରଣୀରେ ବାଖ୍ୟା କରାଯାଇଛି ।

ଟିପ୍ପଣୀ

ଟିପ୍ପଣୀ

## ଶିକ୍ଷାରେ ଗୋଷ୍ଠୀ ଅଂଶଗ୍ରହଣର ଦିଗ ଏବଂ ମାତ୍ରା ସମୂହର ସାରଣୀ

| ଗୋଷ୍ଠୀର ଭୂମିକା/ ଶିକ୍ଷାର କାର୍ଯ୍ୟସମୂହ | ସେବାର ବିନିଯୋଗ | ସମ୍ବଳ ସମୂହର ଅବଦାନ | ବୈଠକରେ ଉପସ୍ଥାନ | ସମସ୍ୟାଗୁଡିକ ଉପରେ ପରାମର୍ଶ | ପ୍ରଦାନ/ ବିତରଣ କରିବାରେ ଅନ୍ତର୍ଭୁକ୍ତି | ଅଧିକାର ଅର୍ପିତ କ୍ଷମତା ଏବଂ ନିଷ୍ପତ୍ତି ନେବା | ବାସ୍ତବ କ୍ଷମତା ଏବଂ ପ୍ରତ୍ୟେକ ସ୍ତରରେ ନିଷ୍ପତ୍ତି ନେବା |
|---|---|---|---|---|---|---|---|
| ନୀତିର ପରିକଳ୍ପନା କରିବା | | | | | | | |
| ସମ୍ବଳ ସମୂହର ସଂଚାଳନ | | | | | | | |
| ପାଠ୍ୟକ୍ରମ ବିକାଶ | | | | | | | |
| ଶିକ୍ଷକ ନିଯୁକ୍ତି ଓ କାର୍ଯ୍ୟରେ ଲଗାଇବା | | | | | | | |
| ପରିଦର୍ଶନ | | | | | | | |
| ଦରମା ପ୍ରଦାନ | | | | | | | |
| ଶିକ୍ଷକ ପ୍ରଶିକ୍ଷଣ | | | | | | | |
| ପାଠ୍ୟପୁସ୍ତକ ପରିକଳ୍ପନା | | | | | | | |
| ପାଠ୍ୟପୁସ୍ତକ ବଣ୍ଟନ | | | | | | | |
| ପ୍ରଣାଳୀକରଣ | | | | | | | |
| କୋଠାବାଡି ଏବଂ ରକ୍ଷଣା ବେକ୍ଷଣ | | | | | | | |

Adopted from Bray 2000 Table 1.P20

**ନିଜ ଅଗ୍ରଗତି ଆକଳନ - ୩**

ବି:ଦ୍ର: ତୁମ ଉତ୍ତର ଲେଖିବା ପାଇଁ ତଳେ ସ୍ଥାନ ଦିଆଯାଇଛି ।

୧. ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ କିପରି ଅବଦାନ କରିପାରିବ ?

________________________________________

________________________________________

________________________________________



ଟିପ୍ପଣୀ

୨. ତୁମ ଅଞ୍ଚଳରୁ ସୂଚନା ସଂଗ୍ରହ କର ଏବଂ ପିଲାମାନଙ୍କ ଶିକ୍ଷଣ ଅଭିବୃଦ୍ଧିରେ ଗୋଷ୍ଠୀ କି ଉପାୟରେ ଅଂଶଗ୍ରହଣ କରୁଛି ଉଲ୍ଲେଖ କର ?

______________________________

______________________________

______________________________

## ୩.୭ ବିଦ୍ୟାଳୟ ଶିକ୍ଷାର ଅଭିବୃଦ୍ଧି ନିମିତ୍ତ ଗୋଷ୍ଠୀ କି ଭୂମିକା ନିର୍ବାହ କରି ପାରିବ

ବିଦ୍ୟାଳୟ ଅଧକ୍ଷ ଏବଂ ଶିକ୍ଷକମାନଙ୍କ ସହ କାର୍ଯ୍ୟ କରି ଗୋଷ୍ଠୀ ବିଦ୍ୟାଳୟ ଶିକ୍ଷାକୁ ପ୍ରୋତ୍ସାହିତ କରିପାରିବ, ଯିଦ ସେମାନେ ବିଦ୍ୟାଳୟ କାର୍ଯ୍ୟରେ କୌଣସି ଅନିୟମିତତା ଦେଖନ୍ତି ତେବେ ସେମାନେ ଚାପ ସୃଷ୍ଟିକାରୀ ଦଳ ବା ରକ୍ଷକ ରୂପେ କାର୍ଯ୍ୟ କରି ପାରିବେ । ନିମ୍ନରେ ବର୍ଣ୍ଣିତ କାର୍ଯ୍ୟଗୁଡିକୁ ଗୋଷ୍ଠୀ ସଂପାଦନ କରିପାରିବ ।

- ଶିକ୍ଷା ସୁବିଧା ଏବଂ ବର୍ଦ୍ଧିତ ନାମଲେଖା ବିଷୟରେ ସଚେତନତା ସୃଷ୍ଟି କରିବା
- ବିଦ୍ୟାଳୟଗୁଡିକର ପରିଚାଳନା ନିମିତ୍ତ ଗ୍ରାମ୍ୟ ଶିକ୍ଷାଦାନ କମିଟି/ଓ୍ୱାର୍ଡ ଶିକ୍ଷା କମିଟି/ ବିଦ୍ୟାଳୟ ପରିଚାଳନା କମିଟିରେ ପ୍ରତିନିଧିତ୍ୱ
- ବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କ ଦୈନିକ ଉପସ୍ଥାପନ ହାର ବୃଦ୍ଧି କରିବା
- ବିଦ୍ୟାଳୟରେ ବାଳିକାମାନଙ୍କର ଅବଧାରଣକୁ ବୃଦ୍ଧି କରିବା
- ଶ୍ରେଣୀଗୃହରେ ଶିକ୍ଷକମାନଙ୍କ ଶିକ୍ଷାଦାନ ପର୍ଯ୍ୟବେକ୍ଷଣ କରୁଥିବା ପିତାମାତାଙ୍କ ସଂଖ୍ୟା ବୃଦ୍ଧି କରିବା
- ବିଦ୍ୟାଳୟ ଶିକ୍ଷକମାନଙ୍କର ନୈତିକତା ଅଭିବର୍ଦ୍ଧନ କରିବା
- ବିଦ୍ୟାଳୟରେ ଆର୍ଥୀକ ସମ୍ବଳ ସମୂହର ଉପଯୁକ୍ତ ବ୍ୟବହାରକୁ ତଦାରଖ କରିବା
- ଶିକ୍ଷକମାନଙ୍କୁ ନିଯୁକ୍ତି କରିବା ଏବଂ ସହାୟତା ଦେବା
- ବିଦ୍ୟାଳୟ ଅବସ୍ଥିତି ଏବଂ କାର୍ଯ୍ୟକ୍ରମ ସୂଚୀ ବିଷୟରେ ନିଷ୍ପତ୍ତି ନେବା
- ଶିକ୍ଷକ ଉପସ୍ଥାନ ଏବଂ କାର୍ଯ୍ୟସଂପାଦନ ଉପରେ ତଦାରଖ କରିବା ଓ ଅନୁଧାବନ କରିବା
- ପିଲାମାନଙ୍କର ଶିକ୍ଷଣ ଅଗ୍ରଗତି ସଂପର୍କରେ ଜାଣିବା ପାଇଁ ବିଦ୍ୟାଳୟ ବୈଠକରେ ସକ୍ରିୟ ଅଂଶଗ୍ରହଣ କରିବା
- କୌଶଳାତ୍ମକ ନିର୍ଦ୍ଦେଶ ଏବଂ ସ୍ଥାନୀୟ ସଂସ୍କୃତି ଆଧାରିତ ସୂଚନା ପ୍ରଦାନ କରିବା
- ଅଧ୍ୟୟନରେ ପିଲାମାନଙ୍କୁ ସାହାଯ୍ୟ କରିବା

ଟିପ୍ପଣୀ

- ଶୈକ୍ଷିକ ସମସ୍ୟାଗୁଡିକ ପାଇଁ ଦାୟୀ ଉପାଦାନଗୁଡିକୁ ଚିହ୍ନଟକରିବା ଏବଂ ସମ୍ଭାବ୍ୟ ସମାଧାନଗୁଡିକ ସଂପର୍କରେ ଆଲୋଚନା କରିବା ।

## ୩.୮ ବିଦ୍ୟାଳୟ - ପିତାମାତା ଏବଂ ଗୋଷ୍ଠୀ ଭାଗିଦାରିତାକୁ ବୃଦ୍ଧିକରିବା

ଶିକ୍ଷାରେ ଗୁଣାତ୍ମକତାର ଅଭିବୃଦ୍ଧି ନିମିତ୍ତ ବିଦ୍ୟାଳୟ ଓ ଗୋଷ୍ଠୀ ପରସ୍ପର ସହ ନିକଟତର ହୋଇ କାର୍ଯ୍ୟ କରିବା ଉଚିତ ଯାହା ଅଧିକରୁ ଅଧିକଭାବେ ସୁସ୍ପଷ୍ଟ ହେଉଛି । ବିକାଶ ଓ ଶିକ୍ଷଣ ଏବଂ ସୁସ୍ଥ ବିକାଶର ପ୍ରୋତ୍ସାହନ ନିମିତ୍ତ ପ୍ରତିବନ୍ଧକ ଗୁଡିକୁ ସାମନା କରିବାରେ ବିଦ୍ୟାଳୟ ଗୁଡିକ ନିଜକୁ ପ୍ରସ୍ତୁତ କରନ୍ତି । ଯେତେବେଳେ ସେମାନେ ସେମାନଙ୍କର କାର୍ଯ୍ୟ ଉତ୍ତମ ରୂପେ ସଂପାଦନ କରିପାରିବେ । ଅବଶ୍ୟ, ଅଧିକାଂଶ ବିଦ୍ୟାଳୟକୁ ସେମାନଙ୍କର ଶୈକ୍ଷିକ ଲକ୍ଷ୍ୟର ସଫଳ ହେବା ନିମିତ୍ତ, ସେମାନଙ୍କର ପରିବାର ସଦସ୍ୟ, ପଡୋଶୀ ନେତୃତ୍ୱ, ବ୍ୟବସାୟୀ ବର୍ଗ,. ଧାର୍ମିକ ଅନୁଷ୍ଠାନ, ସର୍ବସାଧାରଣ ଓ ସରକାରୀ ସଂସ୍ଥା, ପାଠାଗାର, ପ୍ରମୋଦ ଉଦ୍ୟାନ ଓ ଚିତ୍ତ ବିନୋଦନ, ଗୋଷ୍ଠୀ ଆଧାରିତ ସଂଗଠନ, ନାଗରୀକ ସ୍ଥାନୀୟ ସରକାର ଭଳି ଗୋଷ୍ଠୀ ସମୂହର ସହାୟତା ନିଶ୍ଚିନ୍ତ ରହିବା ଆବଶ୍ୟକ । ଯଦି ଗୋଷ୍ଠୀ ବିଦ୍ୟାଳୟ ସହ ସଂପୃକ୍ତ ରହେ, ଏହା ବିଦ୍ୟାଳୟର ଉତ୍ତମ ପରିଚାଳନା ଏବଂ ଶିକ୍ଷାର୍ଥୀଙ୍କ ଉନ୍ନତ କାର୍ଯ୍ୟ ସଂପାଦନ ଦିଗରେ ଅଗ୍ରସର ହୋଇ ପାରିବ । ଗୋଷ୍ଠୀ ବିଦ୍ୟାଳୟରେ ସକ୍ରିୟ ଅଂଶଗ୍ରହଣ କରିବାକୁ ହେଲେ, ସେମାନେ ଗୋଟିଏ ବିଦ୍ୟାଳୟର ଆହ୍ୱାନ ଓ ସଫଳତା ବିଷୟରେ ସୂଚିତ ହେବା ଉଚିତ । ବିଦ୍ୟାଳୟର ଉପଲବ୍ଧିରେ ଆତ୍ମାଭିମାନ ଏବଂ ମାଲିକାନା ଭାବ ନିମିତ୍ତ ସେମାନେ କିପରି ଅଂଶଦାନ କରିପାରିବେ ଓ ଅନଭବ କରିପାରିବେ ତାହା ସେମାନେ ମଧ୍ୟ ଜାଣିବା ଉଚିତ । ବିଦ୍ୟାଳୟ ଗୁଡିକ ଉତ୍ତମ ରୂପେ କାର୍ଯ୍ୟ ସଂପାଦନ କରିପାରିବେ ଯଦି ବିଦ୍ୟାଳୟ ଓ ଗୋଷ୍ଠୀମଧ୍ୟରେ ନିକଟତର ସମ୍ବନ୍ଧ ରହେ ଯାହା ନିମ୍ନୋକ୍ତ ଉପାୟଗୁଡିକ ମଧ୍ୟରେ ସ୍ଥାପନ ହୋଇ ପାରିବେ ।

- ନିୟମିତ ଓ ସ୍ୱଚ୍ଛରୂପେ ଯୋଗାଯୋଗ କରୁଥିବା ପିତାମାତା ଏବଂ ବିଦ୍ୟାଳୟ ସମୂହ: ଶିକ୍ଷାର୍ଥୀମାନଙ୍କ ସଫଳତା ନିମିତ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡିକୁ ସେମାନେ ବିନିମୟ କରନ୍ତି । ଶିକ୍ଷକମାନେ ପରିବାରଗୁଡିକୁ ଶିକ୍ଷଣ ଉଦ୍ଦେଶ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ଶିକ୍ଷାର୍ଥୀଙ୍କ କାର୍ଯ୍ୟ ସଂପାଦନ ସମ୍ପର୍କରେ ଜଣାନ୍ତି । ବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଖେଳ ଆଦି ଘଟଣାଗୁଡିକରେ ପିତାମାତାମାନେ ସକ୍ରିୟ ଭାବେ ସଂପୃକ୍ତ ହୁଅନ୍ତି ।
- **ଉତ୍ତମ ରୂପେ ପରିଚାଳିତ ବିଦ୍ୟାଳୟ ସମୂହ** ଗୋଷ୍ଠୀ ସେହି ସବୁ ବିଦ୍ୟାଳୟମାନଙ୍କୁ ଅଂଶଦାନ କରିବାରେ ସମର୍ଥହେବ ଯେଉଁଗୁଡିକରେ ବିଦ୍ୟାଳୟ ପରିଚାଳନା କମିଟ୍ ଗଠିତ ହୋଇଥିବ ଏବଂ ବିଭିନ୍ନ ସାମାଜିକ-ଆର୍ଥିକ ବର୍ଗର ଅଭିଭାବକ/ପିତାମାତାଙ୍କର ପ୍ରତିନିଧିତ୍ୱ ଥିବ । ନିୟମିତ ବୈଠକମାନ ହେଉଥିବ ଏବଂ ବୈଠକର ପରାମର୍ଶଗୁଡିକ ପାଳନ କରାଯାଉଥିବ ।
- **ପିତାମାତାଙ୍କ ସଂପୃକ୍ତିକୁ ଉତ୍ସାହିତ କରୁଥିବା ବିଦ୍ୟାଳୟ ସମୂହ:** ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଓ ଶ୍ରେଣୀଗୃହରେ ପିତାମାତା ଓ ଅଭିଭାବକମାନେ ଆଦର ପୂର୍ଣ୍ଣଭାବେ ଅଭିନନ୍ଦିତ ହୋଇଥାନ୍ତି । ପିତାମାତାଙ୍କ ପରାମର୍ଶଗୁଡିକ ମୂଲ୍ୟବାନ ହୋଇଥାଏ ଏବଂ କାର୍ଯକାରୀ ହୋଇଥାଏ ।

ଟିପ୍ପଣୀ

- ପିତାମାତାଙ୍କୁ ମାର୍ଗଦର୍ଶନ ଏବଂ ଉପଦେଶ ପ୍ରଦାନ ନିମିତ୍ତ ପ୍ରସ୍ତୁତଥିବା ଶିକ୍ଷକବୃନ୍ଦ:

  ଯଦି ଜଣେ ପିତାମାତାଙ୍କର ଗୋଟିଏ ପିଲା ସହିତ ସଂପର୍କଥାଏ, ବା ଗୋଟିଏ ପିଲାର ସ୍ୱତନ୍ତ୍ର ଆବଶ୍ୟକତା ଥାଏ, ତେବେ ଶିକ୍ଷକମାନେ ମାର୍ଗଦର୍ଶନ ଏବଂ ପରାମର୍ଶ ସହ ସହାୟତା ଦେବା ପାଇଁ ପ୍ରସ୍ତୁତ ଥାଆନ୍ତି । ପିତାମାତାମାନେ ସେମାନଙ୍କ ପିଲାମାନଙ୍କର ଅଗ୍ରଗତିକୁ ତଦାରଖ କରିପାରିବା ଭଳି ଉପାୟଗୁଡିକ ମାଧ୍ୟମରେ କଥୋପକଥନ କରିବାପାଇଁ ମଧ୍ୟ ଶିକ୍ଷକମାନେ ପ୍ରସ୍ତୁତ ଥାଆନ୍ତି । ସମସ୍ତ ପିତାମାତା ଏବଂ ଅଭିଭାବକମାନେ ଏପରିକି ଭଲଭାବେ ପଢା ଓ ଲେଖା କରିପାରୁନଥିବା ମାନେ ମଧ୍ୟ ସମ୍ମାନର ସହ ଗ୍ରହଣୀୟ ହୋଇଥାନ୍ତି ।

- ବିଦ୍ୟାଳୟ ସହ ସେମାନଙ୍କ କୌଶଳ ଏବଂ ଜ୍ଞାନକୁ ବିନିମୟ କରୁଥିବା ପିତାମାତା ଓ ଅଭିଭାବକମାନେ:

  ଶ୍ରେଣୀ ସହାୟକ, କ୍ଷେତ୍ରଭ୍ରମଣରେ ସହାୟତା, ଖେଳ ପ୍ରଶିକ୍ଷକ, ମଧ୍ୟାହ୍ନ ଭୋଜନରେ ସହାୟତା, ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନତା ତଦାରଖ ଯଥା ପାଇଖାନା ଓ ହାତଧୂଆ ସୁବିଧା, ଶିକ୍ଷଣ ସାମଗ୍ରୀ ପ୍ରଦାନ ଯେପରି ବ୍ୟବହୃତ ବାକ୍ସଗୁଡିକ, ମଞ୍ଜି, ଅଦରକାରୀ ପଦାର୍ଥ ଇତ୍ୟାଦି, ନିର୍ଦ୍ଦିଷ୍ଟ ପ୍ରସଙ୍ଗଗୁଡିକ ଉପରେ ପ୍ରସ୍ତୁତ ହୋଇ ପିଲାମାନଙ୍କୁ କହିବା ପାଇଁ ସାଧନକର୍ମୀ ରୂପେ କାର୍ଯ୍ୟକରିବା, ବିଦ୍ୟାଳୟ ବାର୍ଷିକଉତ୍ସବ, ଜାତୀୟ ପର୍ବଗୁଡିକ ଭଳି ବିଦ୍ୟାଳୟର ଘଟଣା ଗୁଡ଼ିକର ପରିଚାଳନାରେ ସାହାଯ୍ୟ କରିବା, ଅଭିନୟ, ସଙ୍ଗୀତ, ଓ ନାଚ ଆଦି ପିଲାଙ୍କ କାର୍ଯ୍ୟ ସଂପାଦନରେ ଉପସ୍ଥିତ ରହିବା ଏବଂ ବିଦ୍ୟାଳୟ ବୈଠକ ଗୁଡିକରେ ସକ୍ରୀୟଭାବେ ଅଂଶଗ୍ରହଣ କରିବାରେ ପିତାମାତାମାନେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରିଥାନ୍ତି ।

## ୩.୯ ସ୍ଥାନୀୟ ସମ୍ବଳଗୁଡିକୁ ଗୋଷ୍ଠୀ କିପରି ଚିହ୍ନଟ ଏବଂ ପରିଚାଳନା କରିପାରିବ:

### ଘଟଣା: ୨ ଅଣୁଯୋଜନାରେ ଗୋଷ୍ଠୀ ସଂପୃକ୍ତି

କାରୋଲି ଗାଁରେ କାର୍ଯ୍ୟକରୁଥିବା ମୁଁ ଜଣେ ସ୍ୱେଚ୍ଛେସେବୀ ଅଟେ । ଏହାର ଲୋକ ସଂଖ୍ୟା ୫୩୦୦ ଏବଂ କେବଳ ଗୋଟିଏ ବିଦ୍ୟାଳୟ ଏଠାରେ ରହିଛି ଯାହା ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରିଥାଏ । ଗାଁଟି ସାମନା କରୁଥିବା ମୁଖ୍ୟ ସମସ୍ୟା ହେଲା ଯେ ସବୁ ବସତିର ପଡୋଶିରେ ବିଦ୍ୟାଳୟ ନାହିଁ । ଦାରିଦ୍ର୍ୟତା ଯୋଗୁଁ ଅଧିକ ସଂଖ୍ୟକ ପିଲା (ପ୍ରାୟ ୨୫%) ନାମଲେଖାଇ ନାହାଁନ୍ତି ଏବଂ ପ୍ରାୟ ୩୦% ସେମାନଙ୍କ ଭିତରୁ ୮ମ ଶ୍ରେଣୀ ପୂର୍ବରୁ ବିଦ୍ୟାଳୟ ତ୍ୟାଗ କରିଥାନ୍ତି । ପ୍ରଶିକ୍ଷଣ ପାଇବା ପରେ ମୁଁ ଚିନ୍ତାକଲି, କପରି ମୁଁ ଗୋଷ୍ଠୀର ଅନ୍ୟ ସଦସ୍ୟମାନଙ୍କୁ ଏହି ସମସ୍ୟାଗୁଡିକୁ ସମାଧାନ କରିବାରେ ଅନ୍ତର୍ଭୁକ୍ତ କରିପାରିବି ? ଏହା କରିବା ନିମିତ୍ତ ଗୋଷ୍ଠୀରେ କୌଣସି ସମ୍ବଳମାନ ରହିଛି କି ?

ଗୋଷ୍ଠୀର ଅଧିକ କିଛି ସଦସ୍ୟମାନଙ୍କ ସହିତ ଯୋଗାଯୋଗା କଲି ଓ ସେମାନେ ମୋତେ ସାହାଯ୍ୟ କରିବା ପାଇଁ ରାଜି ହେଲେ । ପ୍ରଥମେ ଆମେ ଗାଁ ବିଷୟରେ ସମ୍ପୂର୍ଣ୍ଣ ସୂଚନା ସଂଗ୍ରହ



ଟିପ୍ପଣୀ

କଲୁ । ଗ୍ରାମ୍ୟ ଶିକ୍ଷା କମିଟି ସଦସ୍ୟମାନଙ୍କ ସହାୟତାରେ ଆମେ ଭୂପୃଷ୍ଠ ଉପରେ ଗୋଟିଏ ମାନଚିତ୍ର ଅଙ୍କନ କଲୁ ଏବଂ ସେଥିରେ ବିଭିନ୍ନ ଘର, ଅନୁଷ୍ଠାନ, ଧାର୍ମିକ ସ୍ଥାନ, କୂପ, ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ କେନ୍ଦ୍ର, ଗୋଡି, ପତ୍ର, କାଗଜ ପତାକା, ଏବଂ ଅନ୍ୟାନ୍ୟ ଉପକରଣମାନ ବ୍ୟବହାର କଲୁ ।

ଆମେ ମଧ୍ୟ ୬-୧୭ ବର୍ଷବୟସର ପିଲାଥିବା ପରିବାର ଏବଂ ମୋଟ ଜନସଂଖ୍ୟା ଖୋଜି ବାହାର କରିବା ପାଇଁ ଏହି ମାନଚିତ୍ରକୁ ବ୍ୟବହାର କଲୁ । ଆମେ ମଧ୍ୟ ପରିବାର ଯେଉଁଠାରୁ ପିଲାମାନେ ବିଦ୍ୟାଳୟକୁ ଯାଉଛନ୍ତି ଏବଂ ଯେଉଁ ପରିବାରରୁ ପିଲା ଆଦୌନାମ ଲେଖାଇ ନାହାଁନ୍ତି ବା ବିଦ୍ୟାଳୟ ତ୍ୟାଗ କରିଛନ୍ତି ତାହାକୁ  ଚିହ୍ନଟ କଲୁ । ପରିବାରର ସଦସ୍ୟମାନଙ୍କ ବୃତ୍ତି ଏବଂ ଆୟର ତଥ୍ୟ ମଧ୍ୟ ସଂଗ୍ରହ କଲୁ ।

ସହରାଞ୍ଚଳର ୱାର୍ଡ/ଗ୍ରାମରେ ଉପଲବ୍ଧଥିବା ସୁବିଧାଗୁଡିକ ବିଷୟରେ ଧାରଣା ଦେବା ନିମିତ୍ତ ଏହି ପ୍ରକାର ତଥ୍ୟ ଉପଯୋଗୀ ଥିଲା

ଯେଉଁ ତଥ୍ୟଗୁଡିକ ମାନଚିତ୍ର ପ୍ରଦାନ କରିଥିଲା ସେଗୁଡିକ ହେଲା -

- ଗୃହ ସଂଖ୍ୟା ଏବଂ ଗ୍ରାମରେ ପ୍ରତ୍ୟେକ ଗୃହର ଅବସ୍ଥିତି
- ଗ୍ରାମ/ୱାର୍ଡ - ଅଙ୍ଗନୱାର୍ଡ, ପ୍ରାକ୍‌ବିଦ୍ୟାଳୟ, ବିଦ୍ୟାଳୟ/ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥିତି
- ପ୍ରତ୍ୟେକ ପରିବାରର ଲୋକସଂଖ୍ୟା
- ପ୍ରତ୍ୟେକ ପରିବାରରୁ ବିଦ୍ୟାଳୟକୁ ଯାଉଥିବା ଏବଂ ବିଦ୍ୟାଳୟକୁ ଯାଉନଥିବା ପିଲାସଂଖ୍ୟା
- ଉଭୟ ବୟସ୍କ ପୁରୁଷ ଓ ମହିଳା ସାକ୍ଷର/ଅଣସାକ୍ଷରଙ୍କ ସଂଖ୍ୟା

ମାନଚିତ୍ର ଅଙ୍କନ କରି ସାରିବା ପରେ ବିଦ୍ୟାଳୟ ସଂଖ୍ୟା ଯଥେଷ୍ଟ ଥିଲା କି ଅଧିକ ବିଦ୍ୟାଳୟ ଖୋଲିବାର ଆବଶ୍ୟକତା ଥିଲା ତାହା ଚିହ୍ନଟ କରିବାରେ ଆମେ ସମର୍ଥ ହେଲୁ । ଆମେ ଗୋଷ୍ଠୀ ସଦସ୍ୟମାନଙ୍କ ସହ ବସିଲୁ ଏବଂ ପିଲାମାନଙ୍କ ଅଂଶଗ୍ରହଣ, ଶିକ୍ଷା ସୁବିଧା ଉପଲବ୍ଧି ସଂପର୍କିତ ସମସ୍ୟାଗୁଡିକ ଉପରେ ସେମାନଙ୍କ ସହ ଆଲୋଚନା କଲୁ । ଅଲୋଚନା ଆମକୁ ଶୈକ୍ଷିକ ସମସ୍ୟାଗୁଡିକ ବୁଝିବାରେ ଆମକୁ ସାହାଯ୍ୟ କଲା ଏବଂ ଗୋଷ୍ଠୀର ସଦସ୍ୟମାନେ ଅତିରିକ୍ତ ବିଦ୍ୟାଳୟ ଖୋଲିବା ପାଇଁ ସ୍ଥାନ, ବିଦ୍ୟାଳୟ ନିର୍ଘଣ୍ଟ ଓ କ୍ୟାଲେଣ୍ଡର ପ୍ରସ୍ତୁତି ଯାହାଦ୍ୱାରା ସେମାନେ ଆସି ପାରିବେ ଓ ଉପସ୍ଥିତ ରହିବେ, ସ୍ଥାନୀୟ ଶିକ୍ଷକ ନିଯୁକ୍ତି ଆଦି କୌଶଳ ସଂପର୍କରେ ପରାମର୍ଶ ଦେଲେ ।







## ନିଜ ଅଗ୍ରଗତି ଆକଳନ - ୪

ବି:ଦ୍ର: ତୁମ ଉତ୍ତର ଲେଖିବା ପାଇଁ ତଳେ ସ୍ଥାନ ଦିଆଯାଇଛି

୧. ଶୈକ୍ଷିକ ସ୍ଥିତି ବୁଝିବା ପାଇଁ କେଉଁ ପ୍ରକାର ସୂଚନା ଆବଶ୍ୟକ?

- ଅଣସାକ୍ଷରଙ୍କ ସଂଖ୍ୟା.........................

୨. ଗ୍ରାମ/ୱାର୍ଡ ମାନଚିତ୍ର ପ୍ରସ୍ତୁତ କରିବା ନିମିତ୍ତ କିଏ ଆମକୁ ସାହାଯ୍ୟ କରିବ?

- ଗୋଷ୍ଠୀ ସଦସ୍ୟମାନେ............................

---

ଗ୍ରାମ/ୱାର୍ଡ ମାନଚିତ୍ର ବିକାଶ କରିବା ପ୍ରକ୍ରିୟାକୁ ଅଣୁଯୋଜନା କୁହାଯାଏ। ଅଣୁଯୋଜନା ନିମ୍ନୋକ୍ତ ସହାୟତା ମାଧ୍ୟମରେ କରାଯାଇ ପାରିବ।

- ସର୍ବେକ୍ଷଣ
- ସହଭାଗୀ ଶିକ୍ଷଣ ଏବଂ କାର୍ଯ୍ୟ କୌଶଳ
- ନିର୍ଦ୍ଦିଷ୍ଟ ବର୍ଗ ଆଲୋଚନା
- ମତାମତ
- ପରିବାର ସର୍ବେକ୍ଷଣ
- ପର୍ଯ୍ୟବେକ୍ଷଣ

### ୩.୯.୧ ସହଭାଗୀ ଶିକ୍ଷଣ କାର୍ଯ୍ୟ ଏବଂ କୌଶଳ

ସୂଚନା ଯୋଗାଯୋଗ ନିମିତ୍ତ ସହଭାଗୀ ଶିକ୍ଷଣ କାର୍ଯ୍ୟ ଏବଂ କୌଶଳ ସଙ୍କେତ ବ୍ୟବହାର ଉପରେ ନିର୍ଭର କରେ। ଏହି ପଦ୍ଧତିଟି ଫଳପ୍ରଦ ଅଟେ, କାରଣ ଏହା ଅଣସାକ୍ଷର ବୟସ୍କ ଓ ପିଲାମାନଙ୍କ ଅଂଶ ଗ୍ରହଣ ନିମିତ୍ତ ଉତ୍ସାହିତ କରେ। ତେଣୁ, କଥୋପକଥନ ନିମିତ୍ତ ସକ୍ରିୟ ଅବଦାନ ଥିବା ଲୋକଙ୍କ ସଂଖ୍ୟାର ବୃଦ୍ଧି ଘଟାଏ।

### ୩.୯.୨ ଚପାତି ଗୋଷ୍ଠୀର ଦୃଷ୍ଟି ଭଙ୍ଗୀ

ଚପାତି ସାଙ୍କେତିକ ବ୍ୟବହାର ଏଥିରେ ଅନ୍ତର୍ଭୁକ୍ତ ଅଟେ। ଚପାତି ହେଉଛି ମୋଟା ଗୋଲାକାର ରୁଟି. ଯାହା ଭାରତୀୟ ପରିବାର ଦୈନିକ ଖାଆନ୍ତି। ଅଂଶଗ୍ରହଣକାରୀଙ୍କୁ ଗୋଟିଏ କର୍ମଶାଳାରେ ଅନ୍ତର୍ଭୁକ୍ତ କରିବା ପାଇଁ ସହାୟକ ଛୋଟ, ମଧ୍ୟମ ଏବଂ ବଡ ଅକାରର ଗୋଲାକାର କାର୍ଡବୋର୍ଡ ବାଣ୍ଟିଲେ। ତା'ପରେ ସେ ଗୋଷ୍ଠୀପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକୁ ବଡ ଚପାତି ସହ ଏବଂ ଅନ୍ୟାନ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକୁ ଛୋଟ ଚପାତି ସହ ଯୋଡିବା ପାଇଁ କହିଲେ। କର୍ମଶାଳା ଅନୁସାରେ ଚପାତିଗୁଡିକ ପ୍ରଚାର ପତ୍ରରେ ଅଠାସହ ଯୋଡି ଦିଆଗଲା ଏବଂ ସଚେତନତା ବୃଦ୍ଧି, କଥୋପକଥନର ଅଭିବୃଦ୍ଧି ତଥା ଗୋଟିଏ ସମସ୍ୟା ଉପରେ ସମର୍ଥନ ସଂଗ୍ରହ କରିବା ପାଇଁ ଏହାକୁ ପରିଚିତ ସର୍ବଧାରଣ ଏକତ୍ରିତ ହଉଥିବା ସ୍ଥାନରେ ପ୍ରଦର୍ଶନ କରାଗଲା।

ଟିପ୍ପଣୀ

### ୩.୯.୩ ମଞ୍ଜି, କାଠି ଏବଂ ପତାକା ବ୍ୟବହାର କରିବା

ସମୟକ୍ରମେ ସମସ୍ୟା ଓ ପରିସ୍ଥିତିଗୁଡିକର ପରିବର୍ତ୍ତନର ଉପାୟକୁ ବର୍ଣ୍ଣନା କରୁଥିବା ତଥ୍ୟକୁ ଧରିରଖିବା ପାଇଁ ସହାୟକ ରେଖାଚିତ୍ର କୌଶଳ ଉପରେ ନିର୍ଭର କରନ୍ତି । ତଥ୍ୟ ସଂଗ୍ରହର ଏହି ପଦ୍ଧତିଟି ଏକ ଋତୁକାଳୀନ ସାରଣୀ ବିକଶିତ କରିବାରେ ଅନ୍ତର୍ଭୁକ୍ତ ହୋଇଥାଏ ଯାହା ମଞ୍ଜିଭଳି ଛୋଟ ପଦାର୍ଥ ଦ୍ୱାରା ପୂର୍ଣ୍ଣ ହୋଇଥାଏ । ଆରମ୍ଭ କରିବା ନିମିତ୍ତ ସହାୟକ ଏକ ସାରଣୀ ପ୍ରସ୍ତୁତ କଲେ । ପ୍ରତ୍ୟେକ ଧାଡି ଗୋଟିଏ ସମସ୍ୟା ଚିତ୍ରଣ କରେ ଯେପରି ବିଦ୍ୟାଳୟ ନାହିଁ, ଅତ୍ୟଧିକ ପିଲାଥିବା ବିଦ୍ୟାଳୟ, ବିଦ୍ୟାଳୟରେ ଯଥେଷ୍ଟ ଶିକ୍ଷକ ନାହାଁନ୍ତି ଏବଂ ପ୍ରତ୍ୟେକ ସ୍ତମ୍ଭ ଗୋଟିଏ ମାସର ପ୍ରତିନିଧିତ୍ୱ କରେ । ପ୍ରତ୍ୟେକ ଅଂଶଗ୍ରହଣକାରୀ ୧୨ଟି ମଞ୍ଜି ନେଲେ ଏବଂ ଉପଯୁକ୍ତ କୋଠରୀରେ ଗୋଟିଏ ମଞ୍ଜି ଥୋଇ ବର୍ଷରେ ଘଟୁଥିବା ପ୍ରତ୍ୟେକ ସମସ୍ୟା ସମୟକୁ ସୂଚିତ କଲେ ।

ଦୁଇ ପୂର୍ବ ଉଦାହରଣରେ ପ୍ରଦର୍ଶିତ ହୋଇଥିବା ପରି, ସହଭାଗୀ ଶିକ୍ଷଣ କାର୍ଯ୍ୟ କୌଶଳ ସୂଚନା ଯୋଗାଯୋଗ ନିମିତ୍ତ ସଙ୍କେତଗୁଡିକ ବ୍ୟବହାର ଉପରେ ନିର୍ଭର କରେ । ଏହି ପନ୍ଥାଟି ଫଳପ୍ରଦ କାରଣ ଅଣସାକ୍ଷର ଲୋକମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିପାରିବେ । ସେହିପରି, ଗୋଷ୍ଠୀ ନକ୍ସାଙ୍କନ ପ୍ରକ୍ରିୟା ଯେ କେବଳ ବାସିନ୍ଦାମାନଙ୍କୁ ତଥ୍ୟ ବିନିମୟ କରିବା ପାଇଁ ଅନୁମତି ଦିଏ ତାହା ନୁହେଁ ବରଂ ବଡଦଳରେ ଲୋକମାନଙ୍କ ମଧ୍ୟରେ ଆଲୋଚନା ଏବଂ ଆଗ୍ରହକୁ ଉଦ୍ଦିପିତ କରିଥାଏ । ସହାୟକ ଭୂମିଉପରେ ସିଧାସଳଖ ଭାବେ ଚକ୍ ସାହାଯ୍ୟରେ ଗୋଷ୍ଠୀର ଏକ ନକ୍ସା ଅଙ୍କନ କରିପାରିବେ । ବାସିନ୍ଦାମାନଙ୍କୁ ସେମାନଙ୍କ ପରିବାର ସଂପର୍କିତ ଜନସଂଖ୍ୟା ଆଧାରିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ ପାଇଁ ପତ୍ର, ଗୋଡି ଏବଂ କାଠିଗୁଡିକୁ ବ୍ୟବହାର କରିବାକୁ କୁହାଯାଏ । ଉଦାହରଣ ସ୍ୱରୂପ ଜଣେ ମହିଳା ଯିଏକି ତାଙ୍କ ସ୍ୱାମୀ, ମାଆ ଏବଂ ଦୁଇଟି ପିଲା ସହ ବାସ କରନ୍ତି ସେ (ପୁରୁଷ) ପାଇଁ ଗୋଟିଏ କାଠି (ମହିଳାଙ୍କ) ପାଇଁ ଦୁଇଟି ପତ୍ର ଏବଂ (ପିଲାମାନଙ୍କ) ପାଇଁ ଦୁଇଟି ଗୋଡ଼ି, ମାନଚିତ୍ରରେ ଥିବା ଗୋଲଉପରେ ରଖିବେ ତାହା ତାଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପ୍ରତୀକ ରୂପେ ତାଙ୍କ ଆବସର ପ୍ରତିନିଧିତ୍ୱ କରିଥାଏ । ପତାକା ପ୍ରତୀକ ବ୍ୟବହାର କରି ସେମାନେ ପିଲାମାନଙ୍କ ଚିହ୍ନଟ କରନ୍ତି ଯେଉଁ ପରିବାରରୁ ପିଲାମାନେ ବିଦ୍ୟାଳୟକୁ ଯାଆନ୍ତି ନାହିଁ । ସେହିପରି ବିଦ୍ୟାଳୟ ତ୍ୟାଗ କରିଥିବା ପିଲାମାନଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରତୀକ ପୁଅ ଓ ଝିଅମାନଙ୍କ ପାଇଁ ବ୍ୟବହାର କରାଯାଇ ପାରିବ । ଏହି କୌଶଳଗୁଡିକ ସ୍ଥାନୀୟ ସମସ୍ୟାଗୁଡିକୁ ଚିହ୍ନଟ କରିପାରିବ ଏବଂ ଗୋଷ୍ଠୀର ଅନ୍ତର୍ଭୁକ୍ତି ସାହାଯ୍ୟରେ ସମାଧାନ ମଧ୍ୟ ବାହାର କରିପାରିବ ।



ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ - ୫**

ବି:ଦ୍ର: ତୁମ ଉତ୍ତର ଲେଖିବା ପାଇଁ ତଳେ ସ୍ଥାନ ଦିଆଯାଇଛି

୧. ଶିକ୍ଷା ନିମିତ୍ତ ଯୋଜନା କରିବାରେ ମାନଚିତ୍ର କିପରି ପ୍ରୟୋଜନୀୟ ହେବ?

___

___

___

୨. ଗୋଟିଏ ଗାଁ/ୱାର୍ଡରେ ଶିକ୍ଷା ସଂପର୍କିତ ସୂଚନା ସଂଗ୍ରହ ପାଇଁ ବିଭିନ୍ନ ପଦ୍ଧତିଗୁଡ଼ିକର ବର୍ଣ୍ଣନା କର।

___

___

___

୩. ସହଭାଗୀ ଶିକ୍ଷଣକାର୍ଯ୍ୟ କୌଶଳର ସୁବିଧାଗୁଡ଼ିକ କ'ଣ? ଏବଂ ବିଭିନ୍ନ ପ୍ରକାର ସହାଭାଗୀ ଶିକ୍ଷଣ କାର୍ଯ୍ୟ କୌଶଳଗୁଡ଼ିକୁ ବର୍ଣ୍ଣନା କର।

___

___

___

## ୩.୧୦ ଘଟଣା ୩: ଗୋଷ୍ଠୀର ଭାବ ବିନିମୟ ଏବଂ ବିଦ୍ୟାଳୟ ଶିକ୍ଷା

ପ୍ରାଥମିକ ନାମଲେଖା ଅଭିବୃଦ୍ଧି ପ୍ରକଳ୍ପ (PEEP) ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ଯଥା ଗୁଣାତ୍ମକଶିକ୍ଷାଦାନ ଏବଂ ଉନ୍ନତଭିତ୍ତିଭୂମି ମାଧ୍ୟମରେ ଆନୁଷ୍ଠାନିକ ଶିକ୍ଷାବ୍ୟବସ୍ଥାରେ ଓ ଅବଧାରଣା ହାସଲ କରିବା ନିମିତ୍ତ ରାଷ୍ଟ୍ରିୟ ଅନୁଷ୍ଠାନ ସହରାଞ୍ଚଳ ବ୍ୟାପାର ସହଭାଗୀ ଶିକ୍ଷଣ କାର୍ଯ୍ୟ କୌଶଳ ପଦ୍ଧାକୁ ସେମାନଙ୍କର ଏହି ପ୍ରକଳ୍ପରେ ପ୍ରୟୋଗ କରିଥିଲେ। ପଡୋଶି ଅଞ୍ଚଳ କମିଟ୍‌ଗୁଡ଼ିକରେ ଗୋଷ୍ଠୀକୁ ସଂଗଠିତ କରିବା ଏବଂ ଯୋଜନା କରିବା, ପରିଚାଳନା କରିବା ଓ ଶିକ୍ଷାପ୍ରଦାନରେ ସେମାନଙ୍କର ଅଂଶଗ୍ରହଣର ଅଭିବୃଦ୍ଧି କରିବା ନିମିତ୍ତ ପ୍ରସ୍ତାବମାନଥିଲା ଗୋଷ୍ଠୀ ଏବଂ ଶିକ୍ଷା ପ୍ରଶାସକମାନଙ୍କ ମଧ୍ୟରେ ଭାବବିନିମୟ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ଥିଲା। ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରିବା ଏବଂ ସେମାନଙ୍କୁ ଆତ୍ମବିଶ୍ୱାସୀ କରିବା ନିମିତ୍ତ, ଗୋଷ୍ଠୀ ସଦସ୍ୟମାନଙ୍କୁ ପରିଦର୍ଶନ ଏବଂ ସାକ୍ଷାତ ମାଧ୍ୟମରେ ଗୋଷ୍ଠୀରେ ପ୍ରବେଶ କରାଯାଇଥିଲା।

ପ୍ରାଥମିକ ନାମଲେଖା ଅଭିବୃଦ୍ଧି କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକୁ ବୁଝାଇବା ଏବଂ ଗୋଷ୍ଠୀର

ଟିପ୍ପଣୀ

ନେତୃତ୍ୱ ନେଉଥିବା ବ୍ୟକ୍ତିମାନଙ୍କୁ କିପରି ସାକ୍ଷାତ କରିବା ସେ ସଂପର୍କରେ ପ୍ରଶିକ୍ଷଣ କ୍ଷେତ୍ର ସହାୟକମାନଙ୍କୁ ଦିଆଯାଇଥିଲା ।

ରାଲି, ସ୍ଲୋଗାନ, ଅଭିଯାନ, କାନ୍ଥଲେଖା ମାଧ୍ୟମରେ ଗୋଷ୍ଠୀ ସହ ନିକଟତର ସଂପର୍କ ସ୍ଥାପିତ ହୋଇଥିଲା । ଶିକ୍ଷା ସମସ୍ୟା ଉପରେ ଆଲୋକପାତ କରିବା ନିମିତ୍ତ ଗୋଷ୍ଠୀ ସଦସ୍ୟମାନେ ଏହି ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ହୋଇଥିଲେ ।

ଶିକ୍ଷାର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି କରିବା ବ୍ୟତୀତ, ଏହି ଅଭିଯାନ ଗୋଷ୍ଠୀର ବିଶ୍ୱାସ ଏବଂ ଭରସା ହାସଲ କରିବାରେ ସାହାଯ୍ୟ କରିଥିଲ ।

ଥରେ ଗୋଷ୍ଠୀର ସଦସ୍ୟମାନେ ସାଧନ କର୍ମୀ ଏବଂ କ୍ଷେତ୍ର ସହାୟକମାନଙ୍କୁ ସ୍ୱୀକୃତି ଦେବା ଆରମ୍ଭ କଲେ, ସମଗ୍ର ପ୍ରକ୍ରିୟାରେ ସେମାନଙ୍କ ଅନ୍ତର୍ଭୁକ୍ତିର ଅଭିବୃଦ୍ଧି ବଢିଲା । ଅଭିଯାନ ଗୁଡିକ ଦ୍ୱାରା ସମାପ୍ତ ହୋଇଥିଲା । ଏହି ସଭାଗୁଡିରେ ବିଦ୍ୟାଳୟଗୁଡିର ଉପଲବ୍ଧତା ଓ କାର୍ଯ୍ୟକାରିତା ପରିପ୍ରେକ୍ଷୀରେ ଲୋକମାନଙ୍କ ସମସ୍ୟା ବୁଝିବା ପାଇଁ କେତେକ ସହଭାଗୀ ଶିକ୍ଷଣ କାର୍ଯ୍ୟ ଓ କୌଶଳ ବ୍ୟବହୃତ ହୋଇଥିଲା ।

ଗୋଷ୍ଠୀ ସହାୟତାରେ ଗୋଷ୍ଠୀ ସମ୍ବଳ ଏବଂ ପରିବାର ମାନଚିତ୍ରଗୁଡିକ ପ୍ରସ୍ତୁତ ହୋଇଥିଲା । ୩୫ ରୁ ୪୦ ଗୋଷ୍ଠୀ ସଦସ୍ୟ ବିଶିଷ୍ଟ ଦଳ ଏକାଠି ଏକତ୍ର ହୋଇ ସ୍ଥାନୀୟ ସାମଗ୍ରୀ ଯଥା ଛୋଟଡାଳ, ଇଟାଚୂନା, ବିଭିନ୍ନ ପ୍ରକାର ମଞ୍ଜି, ପଥର, ଗୋଡି, ପତ୍ର, କାଗଜ ଇତ୍ୟାଦି ବ୍ୟବହାର କରି ଭୂମି ଉପରେ ଗୋଟିଏ ମାନଚିତ୍ର ଅଙ୍କନ କଲେ । ତା'ପରେ ମାନଚିତ୍ରଗୁଡିକୁ ଗୋଟିଏ ମୁଖ୍ୟ ମାନଚିତ୍ର ବ୍ୟବହାର କରି ଯୋଡି ଦିଆଗଲା ଯେଉଁଥିରେ ମୁଖ୍ୟ ଭୂମିଚିହ୍ନ ଏବଂ ଗୋଷ୍ଠୀ ସମ୍ବଳମାନ ଅନ୍ତର୍ଗତ ଥିଲା । ମାନଚିତ୍ର ଅଙ୍କନ ଗୋଷ୍ଠୀଗୁଡିକୁ ସେମାନଙ୍କର ସାମର୍ଥ୍ୟ ଓ ସମ୍ବଳଗୁଡିକୁ ପସନ୍ଦ କରିବା, ସେମାନଙ୍କର ସମସ୍ୟାଗୁଡିକୁ ଚିହ୍ନଟ କରିବା ଏବଂ ସେମାନଙ୍କର ସାମର୍ଥ୍ୟ ଅଧାରରେ ଯୋଜନା କରିବାରେ ସାହାଯ୍ୟ କଲା । ଗୋଷ୍ଠୀମାନଚିତ୍ର ସୂଚନାଗୁଡିକୁ ଏକତ୍ରୀତ କଲା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲା, ପାଠ ତ୍ୟାଗୀ ପିଲା, କାର୍ଯ୍ୟରତ ପିଲା, ମହିଳା ଇତ୍ୟାଦି ଥିବା ପରିବାରକୁ ଚିହ୍ନଟ କଲା ।

ସହଭାଗୀ ଶିକ୍ଷଣ କାର୍ଯ୍ୟ ସାଧନୀ ବ୍ୟବହାର ପ୍ରକ୍ରିୟାରେ ଗୋଷ୍ଠୀ ସହିତ କ୍ରିୟା ପ୍ରତିକ୍ରିୟାର ଅଭିବୃଦ୍ଧି ଘଟିଲା ଏବଂ ଗୋଷ୍ଠୀରୁ କେତେକ ସକ୍ରିୟ ଓ ଉତ୍ସାହୀ ଲୋକଙ୍କୁ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟକ୍ରମ ସହିତ କାମ କରିବାପାଇଁ ଚିହ୍ନଟ କରାଗଲା ମହିଳାମାନଙ୍କୁ ପଡୋଶ ଗୋଷ୍ଠୀ (NHG) ରୂପେ ସଂଗଠିତ କରାଗଲା । ପଡୋଶୀ ଗୋଷ୍ଠୀ କହିଲେ ୫୦ ରୁ ୨୫୦ ପର୍ଯ୍ୟନ୍ତ ସ୍ଥାନଭିତ୍ତିରେ ପରସ୍ପର ନିକଟରେ ବାସ କରୁଥିବା ପରିବାରର ଏକତ୍ରୀକରଣକୁ ବୁଝାଏ । ଦଳର ସ୍ୱାର୍ଥ ଉପସ୍ଥାପନ ପାଇଁ ପ୍ରତ୍ୟେକ ପଡୋଶୀ ଜଣେ ଜଣେ ସଦସ୍ୟଙ୍କୁ ବାଛନ୍ତି । ପ୍ରତ୍ୟେକ ଭିନ୍ନଭିନ୍ନ ପଡୋଶୀ ଦଳର ପ୍ରତିନିଧିଙ୍କୁ ପଡୋଶୀ ବା ବସ୍ତି କମିଟି ରୂପେ ଏକତ୍ର କରାଯାଏ ଯାହା ସମଗ୍ର ବସ୍ତିର ସମସ୍ୟା ଓ ବଚାରଗୁଡିକର ଆଲୋଚନା ପାଇଁ ଦାୟୀ ଅଟନ୍ତି । ବସ୍ତି କମିଟ୍ ଜଣେ ସଭାପତି, ସଂପାଦକ ବା କେତେକ ମୁଖ୍ୟ ନେତୃତ୍ୱଙ୍କୁ ଚିହ୍ନଟ କରନ୍ତି ।

ପ୍ରାଥମିକ ନାମ ଲେଖା ଅଭିବୃଦ୍ଧି ପ୍ରକଳ୍ପରେ ବସ୍ତି କମିଟି ଗଠନ କରିବାର ଉଦ୍ଦେଶ୍ୟ ଥିଲା ପଡୋଶୀ କମିଟିର ଦୁଇ ବା ତତୋଧିକ ସଦସ୍ୟଙ୍କୁ ନେଇ ବସ୍ତିଶିକ୍ଷା କମିଟି (BEC) ଗଠନ କରିବା । ନାମଲେଖା, ଉପସ୍ଥାନ, ଶିକ୍ଷଣ ପ୍ରକ୍ରୟା ଏବଂ ବିଦ୍ୟାଳୟ ସହ ସଂଯୁକ୍ତ ହବାକୁ ନିଶ୍ଚିତ କରିବା ବସ୍ତିଶିକ୍ଷା କମିଟିର କାର୍ଯ୍ୟମାନ ଥିଲା ।

ପରିଶେଷରେ ସ୍ଥାନୀୟ ସଂସ୍ଥା/ରାଜ୍ୟ ପ୍ରଶାସନ ସହ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ଏକ ୱାର୍ଡ/ଜିଲ୍ଲା ସ୍ତରୀୟ ସଂଗଠନ ତିଆରି କରିବାକୁ ଏହି ଦଳଗୁଡିକୁ ଉତ୍ସାହିତ କରାଯାଇଥିଲା । ଥରେ ଏହି ଦଳଗୁଡିକ (NHC) ଗଠନ ପାଇଁ ଲୋକମାନେ ଚିହ୍ନଟ ହୋଇଗଲେ, ଦଳଗୁଡିରେ ପ୍ରତ୍ୟେକ ଜାତି, ଧର୍ମ ଏବଂ ଆର୍ଥୀକ ଶ୍ରେଣୀର ପ୍ରତିନିଧିତ୍ୱ ଥିଲା ବୋଲି ପ୍ରାଥମିକ ନାମଲେଖା ଅବିବୃଦ୍ଧି ପ୍ରକଳ୍ପ କାର୍ଯ୍ୟକ୍ରମର ସହାୟକ ଏହା ନିଶ୍ଚିତ କରିପାରିଲେ ।

କମିଟିଗୁଡିକର ନିୟମିତ ସଭା ହେଉଥିଲା ଏବଂ କେତେକ କାର୍ଯ୍ୟ ଆରମ୍ଭ କରିଥିଲେ । ସେମାନଙ୍କ ଅଞ୍ଚଳରେ ପିଲାମାନଙ୍କର ଶିକ୍ଷଣ ଆବଶ୍ୟକତାଗୁଡିକୁ ସହାୟତା ଦେବାପାଇଁ ସେମାନେ ସହାୟକ ଶିଶୁ କେନ୍ଦ୍ର (SSK) ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଲେ । ପରିବାରଗୁଡିକର ଆବଶ୍ୟକତା ଅନୁଯାୟୀ ସହାୟକ ଶିଶୁ କେନ୍ଦ୍ର ବିଭିନ୍ନ ପ୍ରକାରର ଯଥା ବାଲବାଡି (ପ୍ରାକ୍ ବିଦ୍ୟାଳୟ), ଶିକ୍ଷାଦାନ କେନ୍ଦ୍ର, କିଶୋରମାନଙ୍କ ପାଇଁ ବୃତ୍ତି ପ୍ରଶିକ୍ଷଣ କେନ୍ଦ୍ର ରୂପେ ଗଠିତ ହେଲା । କେନ୍ଦ୍ରଗୁଡିକ ପାଇଁ ଗୋଷ୍ଠୀ ସଦସ୍ୟମାନେ ସ୍ଥାନ ଚିହ୍ନଟ କଲେ । ସହାୟକ ଶିଶୁକେନ୍ଦ୍ରର କର୍ମୀମାନେ ଶିକ୍ଷାତତ୍ତ୍ୱରେ ପ୍ରଶିକ୍ଷିତ ହେଲେ । ଏହି କେନ୍ଦ୍ରଗୁଡିକର ପରିଚାଳନା ନିମିତ୍ତ ଆବଶ୍ୟକୀୟ ମାନବୀୟ, ଆର୍ଥିକ ସମ୍ବଳଗୁଡିକୁ ଗୋଷ୍ଠୀ ପ୍ରଦାନ କଲା ।

(Source Lorlene Hoyt, Renu Khoslea, and Claudia Canepa)

ଉପରୋକ୍ତ ଉଦାହରଣ ଚିତ୍ରିତ କରେ ଯେ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଗୋଷ୍ଠୀକୁ ନିୟୋଜିତ କରିବାର ଏହା ଏକ ପ୍ରଚେଷ୍ଟା କରାଯାଇଥିଲା । ଯୋଜନା କରିବାଠାରୁ କାର୍ଯ୍ୟକାରୀ କରିବା ସ୍ତର ପର୍ଯ୍ୟନ୍ତ ଗୋଷ୍ଠୀକୁ ପ୍ରକଳ୍ପର ଏକ ଅଂଶ ବିଶେଷ ରୂପେ ପ୍ରସ୍ତୁତ କରାଯାଇଥିଲା । ବିଭିନ୍ନ ସ୍ତରରେ ତାଙ୍କାମାନ ପଡୋଶ କମିଟି ଏବଂ ବସ୍ତିଶିକ୍ଷା କମିଟ୍ର ଶିକ୍ଷା ସମସ୍ୟା ଉପରେ ଆଲୋକପାତ । ଗୋଷ୍ଠୀ ନିମ୍ନକାର୍ଯ୍ୟଗୁଡିକରେ ସାହାଯ୍ୟ କରିଥିଲା ।

- ଶିକ୍ଷାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା
- ପରିବାର ସର୍ବେକ୍ଷଣ ପରିଚାଳନା କରିବା ଏବଂ ନାମ ନଲେଖାଇଥିବା ପିଲା, ପାଠତ୍ୟାଗୀପିଲା, ପ୍ରତ୍ୟେକ ପରିବାରକୁ ଯାଉଥିବା ପିଲାମାନଙ୍କର ତଥ୍ୟ ସଂଗ୍ରହ କରିବା ।
- ବସ୍ତିର ମାନଚିତ୍ର ପ୍ରସ୍ତୁତ କରିବା
- ସ୍ଥାନୀୟ ସଂସ୍ଥା/ରାଜ୍ୟ ପ୍ରଶାସନ ସହ କ୍ରିୟାପ୍ରତିକ୍ରିୟା କରିବା
- ପ୍ରାକ୍ ବିଦ୍ୟାଳୟ, ପ୍ରତିକାରମୂଳକ ଶ୍ରେଣୀ ଏବଂ ବୃତ୍ତିଗତ କୌଶଳ ତାଲିମ କେନ୍ଦ୍ର ସ୍ଥାପନ କରିବା

ଟିପ୍ପଣୀ

- ଆର୍ଥିକ ଏବଂ ସମ୍ବଳ ସହାୟତା ପ୍ରଦାନ କରିବା

ନିଜ ଅଗ୍ରଗତି ଆକଳନ - ୬

ବି:ଦ୍ର: ତୁମ ଉତ୍ତର ଲେଖିବା ପାଇଁ ତଳେ ସ୍ଥାନ ଦିଆଯାଇଛି

୧. ଉପରେ ଦିଆଯାଇଥିବା ଘଟଣା ଅଧ୍ୟୟନ ଆଧାରରେ ଗୋଷ୍ଠୀ କିପରି ପିଲାମାନଙ୍କ ଶିକ୍ଷାରେ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ସ୍ଥାନୀୟ ସ୍ତରରେ କି ପ୍ରକାର ଢାଞ୍ଚା ଗଠିତ ହୋଇଥିଲା ତାହା ବୁଝାଅ ।

----------------------------------------------------------------

----------------------------------------------------------------

## ୩.୧୧ କେଉଁ ଢାଞ୍ଚାଗୁଡିକ ମାଧ୍ୟମରେ ଗୋଷ୍ଠୀ ପ୍ରତିନିଧିତ୍ୱ କରିପାରିବ

ଅଞ୍ଚଳ ମାନଚିତ୍ର ଅଙ୍କନ, ସର୍ବେକ୍ଷଣ, ନିର୍ଦ୍ଦିଷ୍ଟ ଦଳ ଆଲୋଚନା ଏବଂ ସହଭାଗୀ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ହସ୍ତଗତ ହୋଇଥିବା ସୂଚନା ସହିତ ବର୍ତ୍ତମାନର ଶୈକ୍ଷିକ ସୁବିଧା, ନାମଲେଖା ଏବଂ ପିଲା ଓ ଶିକ୍ଷକଙ୍କ ଉପସ୍ଥାନ ତଥା ବର୍ତ୍ତମାନର ଢାଞ୍ଚାରେ କେଉଁଠି ଗୋଷ୍ଠୀ ପ୍ରତିନିଧିତ୍ୱ କରିପାରିବ ଏସବୁର ଉନ୍ନତି ନିମିତ୍ତ ଯୋଜନା କରାଯାଏ ।

- ବିଦ୍ୟାଳୟ ପରିଚାଳନା କମିଟ୍
- ଗ୍ରାମ୍ୟ ଶିକ୍ଷା କମିଟ୍/ୱାର୍ଡ କମିଟ୍
- ବେସରକାରୀ ସଂଗଠନ
- ସ୍ୱେଚ୍ଛାସେବୀ
- ସ୍ୱୟଂ ସହାୟକ ଗୋଷ୍ଠୀ



ଢାଞ୍ଚାଉପରେ ବିସ୍ତୃତ ଆଲୋଚନା, ଏହି ସ୍ୱତନ୍ତ୍ର ଢାଞ୍ଚାଗୁଡିକର ଭୂମିକା ପରବର୍ତ୍ତୀ ଏକକରେ ଆଲୋଚିତ ହେବ ।

ଟିପ୍ପଣୀ

> ନିଜ ଅଗ୍ରଗତି ଆକଳନ - ୭
>
> ବି:ଦ୍ର: ତୁମ ଉତ୍ତର ଲେଖିବା ପାଇଁ ତଳେ ସ୍ଥାନ ଦିଆଯାଇଛି
>
> ୧. ତୁମ ଅଞ୍ଚଳରୁ ସୂଚନା ସଂଗ୍ରହ କର ଏବଂ ଗ୍ରାମ/ୱାର୍ଡ ଓ ବିଦ୍ୟାଳୟ ସ୍ତରରେ ଗୋଷ୍ଠୀ ଅଂଶଗ୍ରହଣ କରୁଥିବା ଯେଉଁ ଢାଞ୍ଚା ରହିଛି ତାହାକୁ ଖୋଜି ବାହାର କରି ଲେଖ ?
>
> ______________________________
>
> ______________________________
>
> ______________________________

ବିଦ୍ୟାଳୟ କାର୍ଯ୍ୟ କରିବା ଉପରେ ଗୋଷ୍ଠୀ ଅଂଶଗ୍ରହଣର ପ୍ରଭାବ ନିମ୍ନୋକ୍ତ ଦୁଇଟି ଘଟଣା ଅଧ୍ୟୟନ ସ୍ପଷ୍ଟରୂପେ ପ୍ରତିଫଳିତ କରିଥାଏ । ଯେତେବେଳେ ଗୋଟିଏ ଘଟଣା ଅଧ୍ୟୟନରେ ଗୋଷ୍ଠୀ ଅଂଶ ଗ୍ରହଣ କରିବା ନିମିତ୍ତ ଉତ୍ସାହିତ ହୋଇ ନଥିଲା, ଯାହା ପ୍ରଦର୍ଶିତ କରେ ଯେ ବିଦ୍ୟାଳୟ ଉପଯୁକ୍ତ ଭାବେ ପରିଚାଳିତ ହୋଇନଥିଲା । ଅନ୍ୟ ଘଟଣାରେ ଗୋଷ୍ଠୀ ସକ୍ରିୟଭାବେ ବିଦ୍ୟାଳୟ କାର୍ଯ୍ୟଗୁଡିକରେ ଅଂଶଗ୍ରହଣ କରୁଥିଲା । ଏହି ଘଟଣା ଅଧ୍ୟୟନଗୁଡିକ ଡକ୍ଟର ଅଶ୍ୱସ୍ଥୀ କାଶ୍ୟପ, ସରକାରୀ ପ୍ରଫେସର, NUEPA ଙ୍କ ଦ୍ୱାରା ଉପସ୍ଥାପିତ ହୋଇଛି ଯାହା ତାଙ୍କ ଗବେଷଣା କାର୍ଯ୍ୟରେ ଲିପିବଦ୍ଧ ହୋଇଛି ।

## ୩.୧୨ ଘଟଣା ୪: ଆମ୍ବେଦକର ପ୍ରାଥମିକ ଶାଳ, କୃଷିବାଡି, ନଭସାରୀ, ଗୁଜରାଟ ଫେବୃୟାରୀ ୨୦୦୬

କୃଷିବାଡିର ଆମ୍ବେଦକର ପ୍ରାଥମିକ ଶାଳା ଗୋଟିଏ ବିଦ୍ୟାଳୟ ଯାହା ନଭସାରୀ ରେଳବାଇ ଷ୍ଟେସନ ପାଖରେ ଅବସ୍ଥିତ । ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ଦ୍ୱାରା ବିଦ୍ୟାଳୟଟି ଘେରିରହିଛି । ବିଦ୍ୟାଳୟ ଆଗରେ ଏକ ବଡ ହ୍ରଦ ରହିଥିଲା ଯାହା ନିକଟସ୍ଥ ବସ୍ତିର ମଇଳା ଦ୍ୱାରା ପୂର୍ଣ୍ଣ ହୋଇଥାଏ । ଏହା ମଶାମାନଙ୍କର ଏକ ଜନ୍ମସ୍ଥଳୀ । ବିଦ୍ୟାଳୟର ଶ୍ରେଣୀ ଗୃହ ଓ ମଧ୍ୟାହ୍ନ ଭୋଜନ ରନ୍ଧାଯାଉଥିବା ସ୍ଥାନଚାରିପଟେ ଛେଳି, ଘୁଷୁରୀ ଏବଂ କୁକୁଡା ସବୁ ଘୁରିବୁଲାନ୍ତି । ମଧ୍ୟାହ୍ନ ଭୋଜନ ପାଇଁ ଘର ନଥିଲା, ପାଇଖାନ ପାଖରେ ଗୋଟିଏ ଚୁଲା ରଖାଯାଇଥିଲା ଏବଂ ଖାଦ୍ୟ ସେଠାରେ ରନ୍ଧାଯାଉଥିଲା । ଶସ୍ୟ ରହୁଥିବା ଘରଟି ଅତ୍ୟନ୍ତ ମଇଳା ଥିଲା ଏବଂ ଶସ୍ୟରେ କୀଟ ଓ ମଇଳା ମଧ୍ୟଥିଲା । ବିଦ୍ୟାଳୟର ପାଚେରୀ ନଥିଲା ଏବଂ ସମଗ୍ର ବିଦ୍ୟାଳୟ ପରିସର ଅତ୍ୟନ୍ତ ଅପରିଷ୍କାର ଥିଲା । ଏହିଭଳି ଏକ ବିରାଟ ମୁକ୍ତ ପଡିଆରେ ଗୋଟିଏ ବୋଲି ଗଛ ଦେଖା ଯାଉ ନଥିଲା । ବିଦ୍ୟାଳୟରେ ଗୋଟିଏ ପାଣିଟାଙ୍କି ଥିଲା, ଅଧା ପାଣି ଟ୍ୟାପଗୁଡିକ ଭାଙ୍ଗି ଯାଇଥିଲା । ପାଣିଟାଙ୍କି ଆଗରେ ଏକ ବଡ ପାଣି ଖାଲା ଥିଲା, ଯାହାର ଗତିପଥ ବିଦ୍ୟାଳୟ ପ୍ରବେଶପଥ ଆଡକୁ ଥିଲା । ବିଦ୍ୟାଳୟ ଦୁଇ ପାଖ ହ୍ରଦ ଦ୍ୱାରା ଏବଂ ତୃତୀୟ ପାଖରେ ବୁଦାଗୁଡିକ ଥିବାରୁ ଏହାଠାରୁ ଅଧିକ ଭଲ କୌଣସି ପ୍ରବେଶ

ଟିପ୍ପଣୀ

ପଥ ନଥିଲା । ଗୋଟିଏ ପାଇଖାନାର କବାଟ ଭାଙ୍ଗି ଯାଇଥିଲା ତେଣୁ, ଏହାକୁ ବ୍ୟବହାର କରିବା ସମ୍ଭବ ନଥିଲା ଏବଂ ଅନ୍ୟ ପାଇଖାନାଟି ଭଲ ଅବସ୍ଥାରେ ଥିଲା ଯାହା ବନ୍ଦ ରହିଥିଲା । ସମ୍ଭବତଃ ଏହା କେବଳ ଶିକ୍ଷକମାନଙ୍କ ବ୍ୟବହାର ପାଇଁ ଥିଲା । ଯେତେବେଳେ ଏହାର ରୁଗ୍‌ଣ ଅସ୍ୱାସ୍ଥ୍ୟକର ଅବସ୍ଥାର କାରଣ ଖୋଜାଗଲା, ଶିକ୍ଷକମାନେ ସୂଚିତ କଲେ ଯେ ବିଦ୍ୟାଳୟର ପାଚେରୀ ନଥିବାରୁ ଗୋଷ୍ଠୀ ଅଧିକାଂଶ ଜିନିଷ ଏପରିକି କବାଟ, ଝରକା, ଟ୍ୟାପ୍ ବେଳେବେଳେ ର୍‌ୟାମ୍ପ ଚୁଲା, ଭାଙ୍ଗି ଏଥିରୁ ଇଟା ମଧ୍ୟ ନେଇଗଲେ ।

ବିଦ୍ୟାଳୟର ଅଧିକ ପିଲା ଥିଲେ, ତେଣୁ ଏହା ଦୁଇଟି ପର୍ଯ୍ୟାୟ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୧ ରୁ ୫ ପର୍ଯ୍ୟନ୍ତ ଚାଲୁଥିଲା । ଗୋଷ୍ଠୀରେ ଗୁଜୁରାଟରେ ଖୁବ୍ କମ ବାସିନ୍ଦା ଥିଲେ । ମୁମ୍ବାଇ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନର ପ୍ରବାସୀମାନେ ଅଧିକାଂଶ ହୀରା କାରଖାନାରେ କାମ କରୁଥିଲେ । ପିଲାମାନଙ୍କ ସହ କ୍ରିୟାପ୍ରତିକ୍ରିୟା ପ୍ରକଟ କଲା ଯେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଗୁଜୁରାଟୀ ସେମାନେ ବୁଝିପାରନ୍ତି । ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଶିକ୍ଷାର୍ଥୀମାନେ ବୁଝିପାରନ୍ତି କିନ୍ତୁ ପଢିବା ଓ ଲେଖିବା ଏପରିକି ସେମାନଙ୍କ ନାମ ଲେଖାଇବା ସେମାନେ ଜାଣନ୍ତି ନାହିଁ । ଶିକ୍ଷକମାନଙ୍କୁ ପଚାରିବାରୁ ସେମାନେ କହିଲେ ଯେ ଏହି ପିଲାମାନେ ବର୍ଷସାର ଅନିୟମିତ ରହନ୍ତି । ପୂର୍ବମାସର ଉପସ୍ଥାନ ଖାତା ଯେତେବେଳେ ତଦାରଖ କରାଗଲା ସେମାନେ ଉପସ୍ଥିତ ଥିବାର ସୂଚିତ ହେବା ଜଣା ପଡିଲା ଏବଂ ଏହା ମଧ୍ୟ ଷଷ୍ଠ ଓ ସପ୍ତମ ଶ୍ରେଣୀର ପିଲାମାନଙ୍କ କ୍ଷେତ୍ରରେ ଦେଖାଗଲା । ଏହାର କାରଣ ଉପସ୍ଥାପନ କରାଗଲା ଯେ ସେମାନଙ୍କୁ ବୃତ୍ତି ଦେବା ନିମିତ୍ତ ସେମାନେ ସର୍ବନିମ୍ନ ଉପସ୍ଥାନ ଆବଶ୍ୟକ କରନ୍ତି ଏବଂ ସେମାନଙ୍କୁ ବୃତ୍ତି ଦେବା ନିମିତ୍ତ ଶିକ୍ଷକମାନେ ସେମାନଙ୍କୁ ଉପସ୍ଥିତ ଥିବାର ଦର୍ଶାଇଛନ୍ତି ଏହିପରି ସେହି ଦିନଗୁଡିକ ପାଇଁ ବାସ୍ତବରେ ସେମାନେ ଅନୁପସ୍ଥିତ ଥିଲେ । ବିଦ୍ୟାଳୟ ଆଲମାରୀ ପ୍ରାୟ ୩୦୦ ରୁ ୪୦୦ ଗପବହି ଦ୍ୱାରା ପୂର୍ଣ୍ଣଥିଲା ଯାହାର ଫିତା ବା ବନ୍ଧେଇ ସେପର୍ଯ୍ୟନ୍ତ ଖୋଲା ଯାଇ ନଥିଲା । ପରିଦର୍ଶନ ଦିନ ନଅଜଣରୁ ଦୁଇଜଣ ଶିକ୍ଷକ ଉପସ୍ଥିତ ଥିଲେ ଏବଂ ଖୋଜିବାରୁ ଏହା ଜଣାପଡିଲା ଯେ ସେମାନେ ତାଲିମ ପାଇଁ ଯାଇଥିଲେ ଯାହା ୧୧ଟାରୁ ୫ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଥିଲା ଯେତେବେଳେ ସକାଳ ପର୍ଯ୍ୟାୟ ବିଦ୍ୟାଳୟ ଆଠଟାରୁ ୧୨ଟା ପର୍ଯ୍ୟନ୍ତ ଚାଲୁଥିଲା । ତେଣୁ ସେମାନେ ଇଚ୍ଛା କରିଥିଲେ ସକାଳ ୮ଟା ରୁ ବିଦ୍ୟାଳୟରେ ଉପସ୍ଥିତ ଥିବାରେ କୌଣସି ଅସୁବିଧା ନଥିଲା । ଉପସ୍ଥିତ ଥିବା ଦୁଇଜଣ ଶିକ୍ଷକ ଅପରାହ୍ନ ପର୍ଯ୍ୟାୟର । ଅପରାହ୍ନ ପର୍ଯ୍ୟାୟକୁ ଛୁଟି ଦିଆଯାଇଥିଲା ଏବଂ ପରିଦର୍ଶନ ନିମିତ୍ତ ସୂଚନା ଦିଆ ଯାଇଥିବାରୁ ସକାଳ ପର୍ଯ୍ୟାୟ ଚାଲୁ ରହିଥିଲା । ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନା କାଳରେ ସେମାନେ ଅଧକ୍ଷ ଏବଂ ଶିକ୍ଷକମାନଙ୍କ ସହିତ ସେମାନଙ୍କର ଅସନ୍ତୋଷ ପ୍ରକାଶ କଲେ ଏବଂ ସୂଚିତ କଲେ ଯେ ସମାନଙ୍କର ପିଲାମାନେ ବୃତ୍ତି ଓ ପ୍ରୋତ୍ସାହନ ଠିକ୍ ସମୟରେ ପାଆନ୍ତିନାହିଁ । କୌଣସି ଶ୍ରେଣୀରେ ପଢୁଛି ଏବଂ ସେ କିଛି ଜାଣେ ନାହିଁ । ମଧ୍ୟାହ୍ନଭୋଜନ ଖାଦ୍ୟସାମଗ୍ରୀ ମଧ୍ୟ ବାହାରେ ପରିବହନ ହେଉଥିବାର ଦେଖାଯାଏ । ଗୋଷ୍ଠୀ ସହଭାଗିତା ସଂପର୍କରେ ପଚାରାଯିବାରୁ ଓ ସେମାନେ କାହିଁକି ମାତୃଶିକ୍ଷକ ସଂଗଠନ/ଅଭିଭାବକ ଶିକ୍ଷକ ସଂଗଠନରେ ସ୍ୱର ଉତ୍ତୋଳନ କରୁନାହାଁନ୍ତି ପଚାରାଯିବାରୁ, ସେମାନେ ସମସ୍ୱରରେ କହିଲେ ଯେ ସେମାନେ ଆଦୌ ବିଦ୍ୟାଳୟକୁ ଆମନ୍ତ୍ରିତ ହୁଅନ୍ତି ନାହିଁ । ଶିକ୍ଷକମାନଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକରୁଥିବା କେତେକ ଅଭିଭାବକଙ୍କୁ କେବଳ ସ୍ୱାଗତ କରାଯାଏ ଏବଂ ଅନ୍ୟମାନଙ୍କର ସ୍ୱର ଶୁଣାଯାଏ ନାହିଁ । ଜଣେ ଅଭିଭାବକ କହିଲେ ଯେ ଆପଣ ଅଗଷ୍ଟ ୧୫, ଜାନୁଆରୀ ୨୬ ବା ରବିବାର ଭଳି ସାର୍ବଜନୀନ ଛୁଟିଦିନ କଥା ଶୁଣିଥିବେ, କିନ୍ତୁ ଏହି ବିଦ୍ୟାଳୟରେ ଶିକ୍ଷକମାନଙ୍କର ଗୋଟିଏ ଆଞ୍ଚଳିକ ସମ୍ବଳ ସଂଯୋଜକ ଛୁଟିଦିନ ରହିଛି ଯାହା ଅତିକମରେ ମାସକରେ ଦୁଇଥର ଏବଂ ଏପରିକି ସେହି ତାଲିମ ପରେ ମଧ୍ୟ ଶିକ୍ଷକଙ୍କ ଶିକ୍ଷାଦାନ ଶୈଳୀ ଓ ସେମାନଙ୍କ ପିଲାମାନଙ୍କର ଶିକ୍ଷଣରେ କୌଣସି ପାର୍ଥକ୍ୟ ସେମାନେ ଦେଖନ୍ତି ନାହିଁ । ପରବର୍ତ୍ତୀ ପରିଦର୍ଶନ

କାଳରେ ଗ୍ରାମ୍ୟଶିକ୍ଷା କମିଟି, ମାତୃଶିକ୍ଷକ ସଂଘ, ଏବଂ ଅଭିଭାବକ ଶିକ୍ଷକ ସଂଘର ସଦସ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା, ପ୍ରାଥମିକ ପର୍ଯ୍ୟାୟରେ ଏହା ଦେଖାଗଲା ଯେ ଯେଉଁମାନେ ମାତୃଶିକ୍ଷକ ସଂଘ, ଅଭିଭାବକ ଶିକ୍ଷକ ସଂଘର ସଦସ୍ୟ ଥିଲେ ସେମାନଙ୍କର କୌଣସି ପିଲା ବିଦ୍ୟାଳୟରେ ପଢୁ ନଥିବା ବେଳେ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କର ଅଭିଭାବକମାନେ କୌଣସି କମିଟିରେ ପ୍ରତିନିଧିତ୍ୱ କରୁନଥିଲେ । ବିଦ୍ୟାଳୟକୁ ଦଳ ପରିଦର୍ଶନ କରିବାକୁ ଆସିଥିବା କଥା ଜାଣି ଏହା ଭିତରେ ପିଲାମାନଙ୍କର ପିତାମାତାମାନେ ବିଦ୍ୟାଳୟରେ ପହଞ୍ଚିଗଲେ ଏବଂ ଦୁଇଦଳ ଭିତରେ କଥା ବିନିମୟ ହେଲା । ଶିକ୍ଷକମାନେ ଗୋଷ୍ଠୀ ଉଦାସୀନ ରହୁଥିବାରୁ ସେମାନଙ୍କୁ ନିନ୍ଦା କରୁଥିଲେ ଏବଂ ଗୋଷ୍ଠୀ ଶିକ୍ଷକମାନଙ୍କୁ କିଛି ନକରୁଥିବାରୁ ମଧ୍ୟ ନିନ୍ଦା କରୁଥିଲେ । ବିଦ୍ୟାଳୟଟି ସହରାଞ୍ଚଳରେ ଥିବାରୁ, ୱାର୍ଡର ନିର୍ବାଚିତ ପ୍ରତିନିଧି ପରିଦର୍ଶନ ଦଳ ସହିତ କ୍ରିୟାପ୍ରତିକ୍ରିୟା କରିବାକୁ ଆସିଲେ ଯେଉଁମାନଙ୍କର ଶିକ୍ଷା ସଂପର୍କରେ କମ୍ ଦୂର ଦୃଷ୍ଟି ଥିଲା ଯାହା ସେମାନଙ୍କ କଥାରେ ପ୍ରତିଫଳିତ ହୋଇଥିଲା । "ମୋର ସମୟ ନଥାଏ କିନ୍ତୁ ଯେତେବେଳେ ସେମାନେ ଆସନ୍ତି ମୁଁ ଦସ୍ତଖତ କରିଦିଏ" । ଗୋଷ୍ଠିର ଅଂଶଗ୍ରହଣ କାହିଁକି ? କେତୋଟି ସଭା କରାଯାଇ ଅଛି ? କ'ଣ ଆଲୋଚନା ହେଲା ? ପ୍ରକୃତରେ ଏହା ସାହାଯ୍ୟ କରେ କି ? ବା ଭବିଷ୍ୟତରେ ବିଦ୍ୟାଳୟ ପାଇଁ ଯୋଜନା କ'ଣ ? ଏହି ପ୍ରଶ୍ନଗୁଡିକ ଏବଂ ଏହିଭଳି ଅନେକ ପ୍ରଶ୍ନର ଉତ୍ତର ନଥିଲା । ବିଭିନ୍ନ ସ୍ତରରେ ନେତୃତ୍ୱର ଅଭାବ, ଶିକ୍ଷକମାନଙ୍କର ଉଦାସୀନତା ଗୋଷ୍ଠୀ ବ୍ୟବହାରରେ ବିନିମୟ ହୋଇଥିଲା ଏବଂ ଏହା ମନେ ହେଉଥିଲା ଯେ ଶିକ୍ଷକ ଓ ଗୋଷ୍ଠୀ ସଦସ୍ୟମାନଙ୍କ ଭିତରେ ଆଦୌ ସଂପର୍କ ନଥିଲା ।

ଉପରୋକ୍ତ ଘଟଣା ଅଧ୍ୟୟନଟି ସ୍ପଷ୍ଟରୂପେ ପ୍ରତିଫଳିତ କରେଯେ ଗୋଷ୍ଠୀ ନିୟୋଜିତ ହୋଇ ନଥରଲା ଏବଂ ସେମାନେ ଭୌତିକ ଢାଞ୍ଚା, ଶିକ୍ଷକଙ୍କ ଉପସ୍ଥାପନ ତଦାରଖ କରୁନଥିଲେ । ଶିକ୍ଷାର୍ଥୀଙ୍କ ଉପସ୍ଥାପନା ମଧ୍ୟ ଏପଟସେପଟ କରାଯାଏଥିଲା ଏବଂ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟସଂପାଦନ ମଧ୍ୟ ସନ୍ତୋଷଜନକ ନଥିଲା ।

### ୩ ଘଟଣା ୫: ଯୋବାନଟିକ୍ରୀ ପ୍ରାଥମିକ ବିଦ୍ୟାଳୟ, ଭଦଦୋରା

ତିନିଜଣ ଶିକ୍ଷୟତ୍ରୀ, ୫୩ ଜଣ ଶିକ୍ଷାର୍ଥୀ, ଦୁଇଟି ଛୋଟ ଶ୍ରେଣୀଗୃହ ଥିବା ଯୋବାନଟିକ୍ରୀ ପ୍ରାଥମିକ ବିଦ୍ୟାଳୟ, ବରୋଦା ଜିଲ୍ଲା ଗୁଜୁରାଟରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ । ଏହା ସଂପୂର୍ଣ୍ଣଭାବେ ଏକ ମହିଳା ଦଳ ଯାହା ଶିକ୍ଷୟତ୍ରୀ, ମଧ୍ୟାହ୍ନଭୋଜନ ସଂଯୋଜିକା, ସରପଞ୍ଚଙ୍କୁ ଅନ୍ତର୍ଭୁକ୍ତ କରିଥାଏ । ଛଅ ମାସପୂର୍ବେ ବିଦ୍ୟାଳୟକୁ ଏକ ପିଚୁରୋଡ ନିର୍ମାଣ ହୋଇଛି ନଚେତ୍ ବଡବଡ ଖାଲ ସହ ୮ରୁ ୧୦କି.ମି କାଦୁଅ ରାସ୍ତାରେ ଯିବାକୁ ପଡିଥାନ୍ତା । ବିଦ୍ୟାଳୟରେ ବଡହାରରେ ଶିକ୍ଷାର୍ଥୀମାନଙ୍କ ଅନୁପସ୍ଥିତି ଥିଲା, ପିଲାମାନେ ବାହାରେ ଖେଳରେ ନିୟୋଜିତ ରହୁଥିଲେ ଏବଂ ପିତାମାତାଙ୍କ ସହ କ୍ଷେତରେ କାମ କରୁଥିଲେ ଏବଂ ଏପରିକି ଯେଉଁମାନେ ବିଦ୍ୟଳୟକୁ ଆସୁଥିଲେ ସେମାନେ ମଇଳା ପୋଷାକ ପିନ୍ଧି ଆସୁଥିଲେ । ବିଦ୍ୟାଳୟ ପରିସରରେ ଏକ ହସ୍ତଚାଳିତ ପାଣିକଳ ବିଦ୍ୟାଳୟରେ ଥିଲା ଏବଂ ଲୋକମାନେ ସେଠାରୁ ପାଣି ସଂଗ୍ରହ କରୁଥିଲେ ଏବଂ ପାଣି ନେବା ସମୟରେ କଥୋପ କଥନରେ ପରସ୍ପରକୁ ଗାଳିମନ୍ଦ କରୁଥିଲେ । ବିଦ୍ୟାଳୟ ବାରଣ୍ଡାଗୁଡିକ ମଦପିଇବା ଏବଂ ମାଂସ ଖାଇବାରେ ଗ୍ରାମବାସୀଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା ବା ବଦ୍ୟାଳୟ ସମୟ କଥୋପକଥନରେ ପରସ୍ପରକୁ ଗାଳିମନ୍ଦ କରୁଥିଲେ । ବିଦ୍ୟାଳୟ ବାରଣ୍ଡାଗୁଡିକ ମଦପିଇବା ଏବଂ ମାଂସ ଖାଇବାରେ ଗ୍ରାମବାସୀଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା ବା

ଟିପ୍ପଣୀ

ବିଦ୍ୟାଳୟ ସମୟପରେ ସନ୍ଧ୍ୟାରେ ଜୁଆଖେଳୁଥିଲେ ଯାହାର ଅବଶିଷ୍ଟାଂଶ ସକାଳ ପର୍ଯ୍ୟନ୍ତ ପଡିରହୁଥିଲା ଏବଂ ବିଦ୍ୟାଳୟ ପରିବେଶର ଉନ୍ନତି ପାଇଁ ପ୍ରଚେଷ୍ଟା ଆରମ୍ଭ କଲେ ଏବଂ ତାଙ୍କର ଅନବରତ ପ୍ରଚେଷ୍ଟା ସହିତ ସେ ଗୋଷ୍ଠୀ ନିକଟରେ ପହଞ୍ଚିପାରିଲେ । କ୍ରିଡାପଦ୍ଧତି ମାଧ୍ୟମରେ ସେ ପିଲାମାନଙ୍କୁ ଗାଣିତିକ ସଂଖ୍ୟା, ଭାଷା ଏବଂ ଉତ୍ତମ ବ୍ୟବହାର ଶିଖାଇଲେ । ମଧ୍ୟାହ୍ନ ଭୋଜନ ସମୟରେ ଯେତେବେଳେ ପିତାମାତାମାନେ କ୍ଷେତରୁ ଫେରୁଥିଲେ ସେ ପିଲାମାନଙ୍କୁ ଶ୍ରେଣୀ ବାହାରକୁ ନେଉଥିଲେ ଏବଂ ସେମାନେ ଯାହା ଶିଖିଥିଲେ ତାହାକୁ ଉଚ୍ଚସ୍ୱରରେ ଆବୃତ୍ତି କରାଉଥିଲେ । ପାଖ ଦେଇଯାଉଥିବା ପିତାମାତାମାନେ ରହିବେ ଓ ସେମାନଙ୍କର ପିଲାମାନଙ୍କର କଥାକୁ ଶୁଣିବେ ଏବଂ ଅନ୍ୟମାନଙ୍କର କଥାବାର୍ତ୍ତା ଓ ପିଲାମାନଙ୍କ ପାଇଁ ଗୋଳମାଳକୁ ପ୍ରତିରୋଧ କରିବେ । ଏହା ଏକ ନିୟମିତ ବ୍ୟାପାରେ ପରିଣତ ହେଲା ଏବଂ କ୍ରମେକ୍ରମେ ବାଜେଗପ ଓ ପାଣିନେବା ସମୟରେ ବ୍ୟବହୃତ ଅଶାଳୀନଭାଷା ବନ୍ଦ ହୋଇଗଲା କାରଣ ବଡପାଟିରେ ବାଜେ ଗପ କରିବା ପରିବର୍ତ୍ତେ ସେମାନଙ୍କ ପିଲାମାନେ କ'ଣ କରୁଛନ୍ତି ତାହା ଜାଣିବା ପାଇଁ ସେମାନେ ଆଗ୍ରହୀ ହେଲେ । ପିତାମାତାମାନେ ମଧ୍ୟ ଦେଖିଲେ ଯେ ସେମାନଙ୍କ ପିଲାମାନେ ବିଦ୍ୟାଳୟ ପରିସର ସଫା କରୁଛନ୍ତି ଯାହାକୁ ସେମାନେ ପୂର୍ବରାତିରେ ଅଳିଆ କରିଥିଲେ ଏବଂ ନିଜର କାର୍ଯ୍ୟପାଇଁ ଲଜାବୋଧକଲେ ତେଣୁ ସେମାନେ ଏହାକୁ ବନ୍ଦ କଲେ । ବିଦ୍ୟଳୟର ମାଲିକନା ନଥିବା ଏବଂ ପିତାମାତଙ୍କର ତୀବ୍ର ଦାରଦ୍ର୍ୟତା ହେତୁ ଏପରିକି ସେମାନେ ରାତିରେ କବାଟ ବା ଝରକା ବାହାର କରି ବିକ୍ରି କରି ଦେଉଥିଲେ ଯାହା ମଧ୍ୟ ବନ୍ଦ ହେଲା ।

ଶିକ୍ଷକ ମଧ୍ୟ ଗାଁରେ ଜାତିଆଣ ଭାବ ଏବଂ ବିଦ୍ୟାଳୟରେ ଜାତି ଓ ଲିଙ୍ଗ ଆଧାରରେ ଦାୟିତ୍ୱ ବଣ୍ଟନ ଦେଖିବାକୁ ପାଇଲେ । ନିଜର ଅନ୍ୟାନ୍ୟ ସହକର୍ମୀ ଏବଂ ଗୋଷ୍ଠୀର ସଦସ୍ୟଙ୍କ ବିରୋଧ ବିରୁଦ୍ଧରେ ଏହାକୁ ପରିବର୍ତ୍ତନ କରିବା ପାଇଁ ସେ ଏକ ପ୍ରଚେଷ୍ଟାମାନ ତାଙ୍କୁ ବିଶ୍ୱାସ କରିବା ପାଇଁ ଗୋଷ୍ଠିକୁ ମଙ୍ଗେଇ ପାରିଲା ଏବଂ କ୍ରମେକ୍ରମେ ବିଦ୍ୟାଳୟରେ ଜାତି ଓ ଲିଙ୍ଗ ଅଧାରିତ ଦାୟିତ୍ୱ ବଣ୍ଟନ ବନ୍ଦ ହୋଇଗଲା । ଯେତେବେଳେ ଗୋଷ୍ଠୀ ଏବଂ ପିଲାମାନଙ୍କର ଘୂର୍ଣ୍ଣାୟମାନ କାର୍ଯ୍ୟ ବ୍ୟବସ୍ଥା ବିଷୟରେ ସେମାନଙ୍କ ଅବବୋଧ ସଂପର୍କରେ ସାକ୍ଷାତକାର ନିଆଗଲା, ଏକ ଆଗ୍ରହୋଦ୍ଦୀପକ କଥାଟିଏ ପଦାକୁ ଆସିଲା । ବଣିଆ ବର୍ଗର ଗୋଟିଏ ଅଭିବାବକ କହିଲେ ଯେ ସେମାନେ ତାଙ୍କ ଘରକୁ ଅତିଥିଙ୍କୁ ନିମନ୍ତ୍ରଣ କରିଥିଲେ । ସେ ସୁସ୍ଥ ନଥିବାରୁ, କିଏ ଘର ସଫା କରିବ ଓ ଚା ଦେବା କାର୍ଯ୍ୟ କରିବ ଏଥିନେଇ ସେ ବିବ୍ରତ ଥିଲେ, କାରଣ ତାଙ୍କର କେବଳ ଦୁଇଟି ପୁଅ ଥିଲେ । ସେ ତା'ପରେ ଗର୍ବର ସହ ସୂଚିତ କଲେ ଯେ ଶିକ୍ଷକଙ୍କୁ ଧନ୍ୟବାଦ କାରଣ ସେଠାରେ ପୁଅମାନଙ୍କର ଘରର ଦୈନନ୍ଦିନ କାର୍ଯ୍ୟ ନକରିବା ଧରାବନ୍ଧା ନିୟମ ନଥିଲା ଏବଂ ପୁଅମାନେ ଘର ସଫାକରିବା ଓ ଚା ଦେବା କାର୍ଯ୍ୟରେ ସାହାଯ୍ୟ କଲେ । ଏହାର ଏକ ଗଭୀର ପ୍ରଭାବ ଥିଲା ଏବଂ ସେ ଅନ୍ୟମାନଙ୍କୁ ହୃଦବୋଧ କରିବାକୁ ଚେଷ୍ଟାକଲେ ଯେ ଜାତି ଓ ଲିଙ୍ଗ ନିର୍ବିଶେଷରେ ଯେକୌଣସି ବ୍ୟକ୍ତି ଯେକୌଣସି କାର୍ଯ୍ୟ କରିବା ଉଚିତ । ଥରେ ମୌସୁମୀ ସମୟରେ ସେହି ଶିକ୍ଷୟତ୍ରୀ ଆଣ୍ଠୁଏ ସ୍ତରର ପାଣିଭିତରେ ପଶି ବିଦ୍ୟାଳୟକୁ ଆସିଲେ । ଗ୍ରାମବାସୀମାନେ ଖାତ ପାଖରେ ତାଙ୍କୁ ଅଟକାଇଲେ ଏବଂ ଫେରିଯିବାକୁ କହିଲେ କାରଣ ଦୁଇଚକିଆ ଯାନରେ ଖାତକୁ ଅତିକ୍ରମ କରିବା ଅସମ୍ଭବ ଥିଲା ଓ ପରବର୍ତ୍ତୀ ବାଟ କାଦୁଅ ରାସ୍ତାରେ ଚାଲିକରି ଯିବାକୁ ଥିଲା ।

ମୌସୁମୀ ସମୟ ପରେ ଆସିବାକୁ ସେମାନେ ତାଙ୍କୁ କହିଲେ । ଏହାର ଉତ୍ତରରେ ସେ ସେମାନଙ୍କୁ କହିଲେ ଯେ ସେମାନେ ମୌସୁମୀ ସମୟରେ କ'ଣ କରୁଛନ୍ତି ? ସେମାନେ ମଧ୍ୟ କାର୍ଯ୍ୟବନ୍ଧ କରୁଛନ୍ତି କି ? କଠିନ ପରିସ୍ଥିତି ସତ୍ତ୍ୱେ ତୀବ୍ର ଦାରଦ୍ର୍ୟତା ସେମାନଙ୍କୁ ସବୁଦିନେ କାମ କରିବାକୁ ବାଧ୍ୟ କରେ ବୋଲି ସେ ଜାଣିଥିଲେ । ସେହି ଖାତକୁ କପିରି ଅତିକ୍ରମ କରିବାକୁ ସେ ସେମାନଙ୍କୁ ପଚାରିଲେ ? ଘରକୁ ଫେରିଯିବାକୁ କହିବା ପରିବର୍ତ୍ତେ ଆପଣମାନେ ଏହାକୁ ମୋତେ ଶିଖାଇ ପାରିବେ । ଗ୍ରାମବାସୀମାନେ ଶିକ୍ଷାପ୍ରତି ତାଙ୍କର ସାଧୁତା ଓ ଆବେଗ ଦ୍ୱାରା ଅଭିଭୂତ ହୋଇଗଲେ । ତା ପରଠାରୁ ପଛକୁ ଫେରି ନ ଦେଖିବା ଶିକ୍ଷକଙ୍କ ଖୁସିକୁ ପ୍ରକଟିତ କରିଥିଲା । ସମସ୍ତ ଛୋଟିଆ କାର୍ଯ୍ୟଗୁଡିକ ପାଇଁ ଗୋଷ୍ଠୀରୁ ସହଯୋଗର ସ୍ରୋତ ଗଡିଆସିଥିଲା । ତାଙ୍କର କ୍ରିୟାପ୍ରତିକ୍ରିୟାରେ ସେ ସୂଚିତ କରିଥିଲେ ଯେ ସେ କେବଳ ଆବଶ୍ୟକତା ସମୟରେ ଗୋଷ୍ଠୀକୁ ଭେଟିବାକୁ ଯାଆନ୍ତି ନାହିଁ ବରଂ ବିଦ୍ୟାଳୟ ସମୟର ଏକ ଘଣ୍ଟା ବା ଦୁଇଘଣ୍ଟା ପୂର୍ବରୁ ପହଞ୍ଚିଯାଆନ୍ତି ଏବଂ ଗାଁର ପ୍ରତ୍ୟେକ ଘର ବୁଲନ୍ତି ଓ ପିଲାମାନେ ବିଦ୍ୟାଳୟକୁ ଯିବାରେ ପ୍ରସ୍ତୁତ ହୋଇଛନ୍ତି କି ନାହିଁ ତାହା ତଦାରଖ କରନ୍ତି । ଏହିପରି ଭାବରେ ଗୋଷ୍ଠୀ ସହ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସଂପର୍କ ସ୍ଥାପନ କରିବାକୁ ନିୟମିତ ସଂସର୍ଗ ତାଙ୍କୁ ସାହାଯ୍ୟ କଲା ଏବଂ ବିଦ୍ୟାଳୟ ପରିଚାଳନାରେ ଗୋଷ୍ଠୀ ମଧ୍ୟ ସାହାଯ୍ୟ କଲା । ବିଦ୍ୟାଳୟ ଯିବାରେ ପିଲାମାନେ ଅଧିକ ନିୟମିତ ହେଲେ ।

ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷାଦାନ ବିଦ୍ୟାଳୟର ଏକ ଅଦ୍ୱିତୀୟ ଉପାଦାନ ଥିଲା । ଛୋଟ ଗଳ୍ପ, କଣ୍ଢେଇ ନାଚ, ଖେଳ ଏବଂ ସଙ୍ଗୀତ ମାଧ୍ୟମରେ ମୌଳିକ ମୂଲ୍ୟବୋଧ ଗୁଡିକ ସଂଚରିତ ହୋଇଥାଏ । କପଡା, କାର୍ଡବୋର୍ଡ, ଚାର୍ଟପେପର, ମ୍ୟାଟ୍ ପେପର ଭଳି ବିଭିନ୍ନ ଉପାଦାନ ବ୍ୟବହାର କରି ପ୍ରସ୍ତୁତ ହୋଇଥିବା କଣ୍ଢେଇ ଯଥା ଭିନ୍ନ ଭିନ୍ନ କୀଟପତଙ୍ଗ, ପ୍ରାଣୀ, ପକ୍ଷୀ ଆଦି ପିଲାମାନଙ୍କୁ ପ୍ରାକୃତିକ ବାସ ସଂପର୍କିତ ଧାରଣା ଦେବାପାଇଁ ଉପସ୍ଥାପନ କରାଯାଇଥିଲା । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସବୁପିଲାଙ୍କୁ ଡ୍ରମବାଜା, ବ୍ୟାୟାମ, ଯୋଗ ଆଧାରିତ ଛବି ବ୍ୟବହାରକରି ଗୀତ ଓ ନାଚ ପଦ୍ଧତି ଦ୍ୱାରା ଅଖଣ୍ଡ ସଂଖ୍ୟା, ସାରଣୀ ଶିକ୍ଷାଦିଆଯାଇଥିଲା । ସେମାନେ ଗୁଜୁରାଟୀ ଓ ଇଂରାଜୀ କ୍ୟାଲେଣ୍ଡରର ମାସଗୁଡିକର ନାମକୁ ଲୟାତ୍ମକ ତାଳି ସହିତ ଆବୃତ୍ତି କଲେ । ଏହି ମହାନଶିକ୍ଷକଙ୍କ ପ୍ରବଳ ଆଗ୍ରହ ଏବଂ ଧାରଣାଗୁଡିକ ଗୋଷ୍ଠୀକୁ ଉତ୍ସାହ ପୂର୍ଣ୍ଣଭାବେ ନିୟୋଜିତ କରିପାରିଲା । ପିଲା ଓ ଶିକ୍ଷକମାନଙ୍କ ଉପସ୍ଥାପନକୁ ତଦାରଖ କରିବା, ସାଂସ୍କୃତିକ ଏବଂ ଖେଳ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଭଳି ବିଦ୍ୟଳୟର ସମସ୍ତ କାର୍ଯ୍ୟରେ ଗୋଷ୍ଠୀ ଅଂଶଗ୍ରହଣ କରିବାକୁ ଆରମ୍ଭ କଲା ଏବଂ ଏପରିକି ଶିକ୍ଷାଦାନରେ ଏକ ସହାୟକ ହାତ ବଢାଇଲା । ଉଦାହରଣ ସ୍ୱରୂପ କୃଷି ସଂପର୍କିତ ଧାରଣା ଯଥା ଅଙ୍କୁରୋଦ୍‌ଗମ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପସ୍ଥାପନ କରିବାରେ କୃଷକମାନେ ସାହାଯ୍ୟ କଲେ ।



ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ - ୮**

ବି:ଦ୍ର: ତୁମ ଉତ୍ତର ଲେଖିବା ପାଇଁ ତଳେ ସ୍ଥାନ ଦିଆଯାଇଛି

୧. ଘଟଣା ଅଧ୍ୟୟନ ଦିଆଯାଇଥିବା ପରି ଗୋଷ୍ଠୀ ଅବଦାନ ବିଦ୍ୟାଳୟକାର୍ଯ୍ୟର ଉନ୍ନତି ଆଣିପାରିବ କି ?

୨. ଭଦୋଦରା ଯୋବାନଟିକ୍ରୀ ପ୍ରାଥମିକ ବିଦ୍ୟାଳୟରେ ଗୋଷ୍ଠୀସହିତ ସଂପର୍କ ସ୍ଥାପନ କରିବାରେ କିଏ ସାହଯ୍ୟ କଲେ ?

୩. ନଭସାରୀର କୃଷିବାଡି ଆମ୍ବେଦକର ପ୍ରାଥମିକ ଶାଳାରେ କି ପ୍ରକାରର ଗୋଷ୍ଠୀ ସଂପୃକ୍ତି ଆବଶ୍ୟକ ?

## ୩ .୧୪.ସାରାଂଶ

ଶିକ୍ଷାର୍ଥୀମାନଙ୍କ ସଫଳତା ପାଇଁ ସାହାଯ୍ୟକାରୀ ପୈତୃକ ଓ ସାମାଜିକ ସମର୍ଥନର ଅବଦାନ ରହିଥାଏ । ଯେତେବେଳେ ପିତାମାତା ଏବଂ ଗୋଷ୍ଠୀ ଅନ୍ତର୍ଭୁକ୍ତ ହୁଅନ୍ତି ସେତେବେଳେ ସାମାଜିକ ଆର୍ଥୀକସ୍ଥିତି, ଜାତିଗତ/ବଂଶଗତ ପୃଷ୍ଠଭୂମୀ ବା ପିତାମାତାଙ୍କର ଶୈକ୍ଷିକ ସ୍ଥିତି ନିର୍ବିଶେଷରେ ଶିକ୍ଷାର୍ଥୀମାନେ ଅଧିକ ହାସଲ କରନ୍ତି । ବିଦ୍ୟାଳୟଗୁଡିକର ପରିଚାଳନା ଏବଂ ଫଳପ୍ରଦ କାର୍ଯ୍ୟକାରୀତା ପାଇଁ ଗୋଷ୍ଠୀ ଅଂଶଗ୍ରହଣ କିପରି ଗୁରୁତ୍ୱପୂର୍ଣ୍ଣ ତାହା ତୁମେ ଏହି ପେଟୀକାରେ ଶିଖିଛ । ସ୍ଥାନୀୟ ସମସ୍ୟାଗୁଡିକୁ ଚିହ୍ନଟ କରିବା ଏବଂ ଯୋଜନା କରିବା ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଉପଯୁକ୍ତ ଉପାୟଗୁଡିକର ପରାମର୍ଶ ଦେବାରେ ଗୋଷ୍ଠୀ ମାଲିମାନା ଗୋଷ୍ଠୀକୁ ସାହାର୍ଯ୍ୟ କରେ । ଗୋଷ୍ଠୀ ଆର୍ଥୀକ ସମ୍ବଳ ସଂଚଳନ, ଶିକ୍ଷକ ଉପସ୍ଥାନ, ବିଦ୍ୟାଳୟ ଉପସ୍ଥାନ, ଶୈକ୍ଷିକ ସହାୟତା



ଟିପ୍ପଣୀ

କରିପାରିବ । ସର୍ବଶିକ୍ଷା ଅଭିଯାନ ଯାହା ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ନିମିତ୍ତ ଶିଶୁ ଅଧିକାର କାର୍ଯ୍ୟକାରୀ କରିବାରେ ଏକ ଅସ୍ତ୍ର, ତାହା ମଧ୍ୟ ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅନ୍ତର୍ଭୁକ୍ତ ଉପରେ ଗୁରୁତ୍ୱ ଦେଇଥାଏ ।

## ୩ .୧୫. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


Bray Mark (2001) Community Partnerships in Education: Dimensions, Variations, and Implications, Paris Education for All (EFA) Inter-Agency Commission, UNESCO.

Gaysu R.Arvind(2008) *Locating Community in School Education: Emerging Perspectives and Practices to Empowered Participatory Governance,* Paper presented at National Seminar on Community and School Linkages: Principles and Practices (March 17-19, 2008), NUEPA, New Delhi.

Government of India(undated) *Sarva Shiksha Abhiyan- Framework for Implementation*. Ministry of HRD, Department of Elementary Education and Literacy, New Delhi.

Govinda. R & Diwan Rashmi (2003) *Community Participation and Empowerment in Primary Education,* Sage Publications, New Delhi.

Grant A. Carl (1979) *Community Participation in Education*, Allyn and Bacon, USA

Jayaram, N, (2008) *School-Community Relations in India: Some Theoretical and Methodological Considerations,* Paper presented at National Seminar on Community and School Linkages: Principles and Practices (March 17-19, 2008), NUEPA, New Delhi.

Kantha V. Vinay & Daisy Narain (2003) *Dynamics of Community Mobilisation* in Govinda. R & Diwan Rashmi Community Participation and Empowerment in Primary Education, Sage Publications, New Delhi.

*Lorlene Hoyt, Renu Khosla, and Claudia Canepa(Leaves, Pebbles, and Chalk: Building a Public Participation GIS in New Delhi, India Journal of Urban Technology, Volume 12, Number 1, pages 1–19.*

Mitsue Uemura(1999) *Community Participation in Education: What do we know*? The World Bank.

Meenai Zubair(2008) *Participatory Community Work,* Concept Publishing Company, New Delhi.

Pailwar, Veena K.& Mahajan Vandana (2005) Janshala in Jharkhand: An Experiment with Community Invovement in Education, International Education Journal, 2005, 6(3), 373-385.

Pokhriyal H.C(2008) *Communitisation of School Education : Reflections from the Field* Paper presented at National Seminar on Community and School

ଟିପ୍ପଣୀ

Linkages: Principles and Practices (March 17-19, 2008), NUEPA, New Delhi

Priyanka Pandey, Sangeeta Goyal, Venkatesh Sundararaman (2008) Community Participation in Public Schools:The Impact of Information Campaigns in Three Indian State , Policy Research Working Paper 4776, The World Bank, South Asia Region, Human Development Department

Ramachandran Vimala (2003) Community Participation and Empowerment in Primary Education: Discussion of Experiences from Rajasthan in Govinda.

R & Diwan Rashmi *Community Participation and Empowerment in Primary Education,* Sage Publications New Delhi.

Society for Participatory Research in Asia *Community participation: A Training Module for Anganwadi Workers*

Tharakan P.K. Michael(undated) Community Participation in School Education: Experiments andExperiences under People's Planning campaign in Kerala http://decwatch.org/files/icdd/021.pdf

*UNESCO Module on Community Mobilization* in Handbook Non-formal Adult Education facilitators

*UNESCO, Dhaka Ahsania Mission* Module Training Manual on Community Participation and Social Mobilization in Basic Education

Vasavi A.R(2008) *Concepts and Realities of Community in Elementary Education,* Paper presented at National Seminar on Community and School Linkages: Principles and Practices (March 17-19, 2008), NUEPA, New Delhi.

## ୩ .୧୬. ନିଜ ଅଗ୍ରଗତି ଆକଳନ ପାଇଁ ଉତ୍ତର

ନିଜ ଅଗ୍ରଗତି ଆକଳନ - ୧

୧. ଶିକ୍ଷଣକାର୍ଯ୍ୟ - ତୁମ ଅଞ୍ଚଳରୁ ସୂଚନା ସଂଗ୍ରହ କର ଏବଂ ବିଶଦଭାବେ ବର୍ଣ୍ଣନା କର ।

୨. ସୁରଖା ଗାଁରେ ଗ୍ରାମ୍ୟଶିକ୍ଷା କମିଟି ଏବଂ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇ ସାରିଛି । ପିତାମାତାମାନେ କମିଟିର ସଦସ୍ୟ ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟଭାବେ ଜଡିତ ।

୩. ବିଦ୍ୟାଳୟ ଓ ଗୋଷ୍ଠୀମଧ୍ୟରେ ବେସରକାରୀ ସଂସ୍ଥା ମଧ୍ୟସ୍ଥ ଅଟେ ।

୪. ସାନସି ଗାଁରେ ଗୋଷ୍ଠୀ ଜଡିତ ନୁହେଁ ଏବଂ ଗ୍ରାମ୍ୟଶିକ୍ଷା କମିଟିଭଳି କୌଣସି ଢାଞ୍ଚା ସହିତ ସେମାନେ ସଚେତନ ନୁହଁନ୍ତି । ସେମାନେ ସେମାନଙ୍କ ଗାଁର ବିଦ୍ୟାଳୟ ସଂପର୍କିତ ଯୋଜନା କରିବାରେ କେବେ ଅଂଶଗ୍ରହଣ କରି ନଥିବା ବେଳେ ସୁରଖା ଗାଁରେ ପିତାମାତାମାନେ ସଂକ୍ରିୟଭାବେ ସଂଶ୍ଳିଷ୍ଟ ଏବଂ ବୈଠକର ବିବରଣୀ/ନଥିପତ୍ର ଉପଯୁକ୍ତ ଭାବେ ପ୍ରସ୍ତୁତ ହୋଇଥିଲା ।

ଟିପ୍ପଣୀ

ନିଜ ଅଗ୍ରଗତି ଆକଳନ - ୨

୧. ଶୈକ୍ଷିକ ବ୍ୟବସ୍ଥାକୁ ଫଳପ୍ରଦ କରିବା ନିମିତ୍ତ ଆବଶ୍ୟକୀୟ ଆର୍ଥିକ, ମାନବୀୟ, ଏବଂ ଭୈତିକ ସମ୍ବଳ ସମୂହର ସଂଗଠନର ବିକାଶ ପାଇଁ ଗୋଷ୍ଠୀ ଅଂଶଗ୍ରହଣ ଅପରିହାର୍ଯ୍ୟ । ଜନସଂଖ୍ୟାର ସମସ୍ତବର୍ଗ ବିଶେଷ କରି ଦୁର୍ବଳ ଶ୍ରେଣୀର ଆବଶ୍ୟକତା, ସମସ୍ୟା, ଅକାଂକ୍ଷା, ଏବଂ ଆଗ୍ରହ ଅନୁସାରେ ଶିକ୍ଷାକୁ ଗ୍ରହଣ କରିବା ପାଇଁ ଅଂଶଗ୍ରହଣ ମଧ୍ୟ ଆବଶ୍ୟକ । ଶିକ୍ଷାର ଗଣତାନ୍ତ୍ରିକ ବୋଧ ନିମିତ୍ତ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହାର ଅର୍ଥ ବିଦ୍ୟାଳୟ ଶିକ୍ଷାର ଯୋଜନା କରିବା, ନିଷ୍ପତ୍ତି ନେବା ଓ ପରିଚାଳନାରେ ସ୍ଥାନୀୟ ଲୋକମାନଙ୍କର ଅନ୍ତର୍ଭୁକ୍ତ । ପ୍ରୟାସଗୁଡିକୁ ଉଦ୍ଦୀପିତ କରିବା ପାଇଁ ଏହାମଧ୍ୟ ଏକ ଅସ୍ତ୍ର ଅଟେ ।

୨. ଗୃହ/ପରିବାର ସର୍ବେକ୍ଷଣ ଏବଂ ପିତାମାତାଙ୍କ ସହିତ ସମୟଭିତ୍ତିକ ଆଲୋଚନା ମାଧ୍ୟମରେ ଗ୍ରାମରେ ଅଣୁଯୋଜନା, ବିଦ୍ୟାଳୟ ନକ୍ସାଙ୍କନ ପ୍ରସ୍ତୁତି ନିମିତ୍ତ ଗ୍ରାମ୍ୟ ଶିକ୍ଷା କମିଟି ଦାୟୀ । ସମସ୍ତ ସଭ୍ୟମାନଙ୍କର ଅଂଶ ଗ୍ରହଣକୁ ନିଶ୍ଚିତ କରିବା ନିମିତ୍ତ ଗୋଷ୍ଠୀରେ ପିଲାମାନଙ୍କ ପାଇଁ ଶିକ୍ଷାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କମିଟ୍ର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ । ବିଦ୍ୟାଳୟର ଫଳପ୍ରଦ ଓ ନିୟମିତ କାର୍ଯ୍ୟକୁ ଗ୍ରାମର ଶିକ୍ଷା କମିଟ୍ ମଧ୍ୟ ସାହାଯ୍ୟ କରିଥାଏ ।

ନିଜ ଅଗ୍ରଗତି ଆକଳନ - ୩

୧. ନିମ୍ନୋକ୍ତ ଉପାୟଗୁଡିକ ମାଧ୍ୟମରେ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରାଯାଇ ପାରିବ ।

- ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କ ପାଇଁ ସର୍ବେକ୍ଷଣ, ଶିଶୁଶ୍ରମିକ ସମସ୍ୟା ଉପରେ ସଚେତନତା ଅଭିଯାନ, ନାମ ଲେଖା ଅଭିଯାନରେ ଅଂଶ ଗ୍ରହଣ କରିବା
- ବିଦ୍ୟାଳୟ ନକ୍ସାଙ୍କନ କାର୍ଯ୍ୟକ୍ରମ, ବିଦ୍ୟାଳୟର ସ୍ଥାନ ନିର୍ଣ୍ଣୟରେ ଅଂଶଗ୍ରହଣ କରିବା
- ଅର୍ଥ, ସାମଗ୍ରୀ ଏବଂ ଶ୍ରମ ଦାନ ମାଧ୍ୟମରେ ଅନ୍ତର୍ଭୁକ୍ତ ହେବା
- ବିଦ୍ୟାଳୟରେ ପିତାମାତାଙ୍କ ସଭାରେ ଶ୍ରେଣୀ ଗୃହରେ ସ୍ୱାସ୍ଥ୍ୟ ରକ୍ଷା ଓ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ତଦାରଖ, ପିଲାମାନଙ୍କର କାର୍ଯ୍ୟ ସଂପାଦନ ସଂପର୍କରେ ଶିକ୍ଷକଙ୍କ ସହ ଆଲୋଚନା ଆଦିରେ ଉପସ୍ଥିତ ରହିବା ମାଧ୍ୟମରେ ଅନ୍ତର୍ଭୁକ୍ତ ହେବା ।
- ଭିତ୍ତିଭୂମି ବା ଶିକ୍ଷାଦାନ ପଦ୍ଧତିର କିପରି ଅଭିବୃଦ୍ଧି କରିବା ଭଳି ନିର୍ଦ୍ଦିଷ୍ଟ ସମସ୍ୟାରେ ପରାମର୍ଶ ଦେବା ମାଧ୍ୟମରେ ଅନ୍ତର୍ଭୁକ୍ତ ହେବା
- ସେବା ପ୍ରଦାନରେ, ଶିକ୍ଷକ ଅନୁପସ୍ଥିତ ଥିବାବେଳେ ଶିକ୍ଷାଦାନ କରିବାରେ, ବା ଶିକ୍ଷାର୍ଥୀମାନଙ୍କୁ ଏକ ବୃତ୍ତିଗତ କୌଶଳ/ସଙ୍ଗୀତ ଶିକ୍ଷାଦାନ କରିବା ମାଧ୍ୟମରେ ଅଂଶଗ୍ରହଣ କରିବା
- ପିଲାମାନଙ୍କର ଉପସ୍ଥାନ, ଶିକ୍ଷକମାନଙ୍କର ନିୟମିତତା ତଦାରଖ କରିବା
- ମାଗଣା ପାଠ୍ୟପୁସ୍ତକ, ଶିକ୍ଷାର୍ଥୀଙ୍କ ପାଖରେ ପୋଷାକ ପହଞ୍ଚିବା, ମଧ୍ୟାହ୍ନ ଭୋଜନର ନିୟମିତତା ଓ ଗୁଣାତ୍ମକତା ତଦାରଖ କରିବା

୨. ତୁମ ଅଞ୍ଚଳରୁ ସୂଚନା ସଂଗ୍ରହ କର (ଉତ୍ତର ୭ର ସୂଚନା)

ଟିପ୍ପଣୀ

ନିଜ ଅଗ୍ରଗତି ଆକଳନ - ୪

୧. ଶୈକ୍ଷିକ ସ୍ଥିତି ବୁଝିବା ନିମିତ୍ତ ନିମ୍ନୋକ୍ତ ସୂଚନାଗୁଡ଼ିକ ଆବଶ୍ୟକ ।

- ଗ୍ରାମ/ଓ୍ୱାର୍ଡରେ ଥିବା ଅଣସାକ୍ଷରଙ୍କ ସଂଖ୍ୟା
- ବସତି ସଂଖ୍ୟା
- ପ୍ରାଥମିକ (ଏକ କିମି ମଧ୍ୟରେ)/ଉଚ୍ଚପ୍ରାଥମିକ (ତିନିକି.ମି ମଧ୍ୟରେ) / ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା(ପାଞ୍ଚ କି.ମି ମଧ୍ୟରେ)
- ବିଦ୍ୟାଳୟ ଯିବା ବୟସରେ ମୋଟ ଜନବସତି (୬ରୁ ୧୭ବର୍ଷ)
- ୬ ରୁ ୧୭ ବର୍ଷ ବୟସର ନାମ ଲେଖାଇଥିବା, ନାମ ନଲେଖାଇଥିବା, ବିଦ୍ୟାଳୟ ତ୍ୟାଗୀ ପିଲା
- ପିଲାମାନଙ୍କର ଶିକ୍ଷଣ ଉପଲବ୍ଧି

୨ ଗ୍ରାମ/ଓ୍ୱାର୍ଡର ମାନଚିତ୍ର ପ୍ରସ୍ତୁତିରେ ନିମ୍ନ ସଦସ୍ୟମାନେ ସାହାଯ୍ୟ କରିପାରିବେ

- ଗ୍ରାମ୍ୟ ଶିକ୍ଷା କମିଟି/ଓ୍ୱାର୍ଡ ଶିକ୍ଷା କମିଟି
- ଶିକ୍ଷା ବିଭାଗ ପ୍ରତିନିଧି
- ଗୋଷ୍ଠୀ ସଦସ୍ୟ
- ମାନଚିତ୍ର ପ୍ରସ୍ତୁତ କରୁଥିବା ଅନ୍ୟାନ୍ୟ ବିଶେଷଜ୍ଞ

ନିଜ ଅଗ୍ରଗତି ଆକଳନ - ୫

୧. ମାନଚିତ୍ର ନିମ୍ନୋକ୍ତ ସୂଚନା ଗୁଡ଼ିକୁ ପ୍ରଦାନ କରି ପାରିବ ଯାହା

- ଗାଁରେ ଗୃହ ସଂଖ୍ୟା ଏବଂ ପ୍ରତ୍ୟେକ ଗୃହର ଅବସ୍ଥିତି
- ଗାଁ/ଓ୍ୱାର୍ଡର ଭିତ୍ତିଭୂମି ଅଙ୍ଗନଓ୍ୱାଡ଼ି, ପ୍ରାକ୍‌ବିଦ୍ୟାଳୟ, ବିଦ୍ୟାଳୟ/ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥିତି
- ପ୍ରତ୍ୟେକ ପରିବାରର ଲୋକ ସଂଖ୍ୟା
- ବିଦ୍ୟାଳୟର ସଂଖ୍ୟା ଏବଂ ଏହି ସଂଖ୍ୟା ଯଥାର୍ଥ କି ?
- ବିଦ୍ୟାଳୟ ଯାଉଥିବା ପିଲାଙ୍କ ସଂଖ୍ୟା ଏବଂ ପ୍ରତ୍ୟେକ ପରିବାରରୁ ବିଦ୍ୟାଳୟକୁ ଯାଉ ନଥିବା ପିଲାଙ୍କ ସଂଖ୍ୟା
- ସାକ୍ଷର/ଅଣସାକ୍ଷର ବୟସଙ୍କ ସଂଖ୍ୟା ଉଭୟ ପୁରୁଷ ଓ ମହିଳା

୨. ସୂଚନା ସଂଗ୍ରହର ବିଭିନ୍ନ ପଦ୍ଧତି ଗୁଡ଼ିକ ହେଲା:

- ସର୍ବେକ୍ଷଣ
- ସହଭାଗୀ ଶିକ୍ଷଣ କାର୍ଯ୍ୟ ଓ କୌଶଳ
- ନିର୍ଦ୍ଦିଷ୍ଟ ଗୋଷ୍ଠୀ ଆଲୋଚନା
- ମତାମତ
- ପରିବାର ସର୍ବେକ୍ଷଣ ଓ ପର୍ଯ୍ୟବେକ୍ଷଣ

ଟିପ୍ପଣୀ

୩. ସୂଚନା ଯୋଗାଯୋଗ ନିମିତ୍ତ ସହଭାଗୀ ଶିକ୍ଷଣ କାର୍ଯ୍ୟ ଏବଂ କୌଶଳ ସଙ୍କେତ ବ୍ୟବହାର ଉପରେ ନିର୍ଭର କରେ । ଏହି ପଦ୍ଧତିଟି ଫଳପ୍ରଦ ଅଟେ, କାରଣ ଏହା ଅଣସାକ୍ଷର ବୟସ୍କ ଓ ପିଲାମାନଙ୍କ ଅଂଶଗ୍ରହଣ ନିମିତ୍ତ ଉତ୍ସାହିତ କରେ । ତେଣୁ, କଥୋପକଥନ ନିମିତ୍ତ ସକ୍ରିୟ ଅବଦାନ ଥିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧି ଘଟାଏ । ବିଭିନ୍ନ ପ୍ରକାର ପଦ୍ଧତି ଯଥା ଚପାତି ଗୋଷ୍ଠୀ ଦୃଷ୍ଟିଭଙ୍ଗୀ, ମଞ୍ଜି କାଠି ଏବଂ ପତାକା ବ୍ୟବହାର କରିବା ।

ନିଜ ଅଗ୍ରଗତି ଆକଳନ - ୬

୧. ନିମ୍ନୋକ୍ତ ଉପାୟଗୁଡିକରେ ଗୋଷ୍ଠୀ ସାହାଯ୍ୟ କରିଥାଏ ।

- ଶିକ୍ଷାର ଗୁରୁତ୍ୱଉପରେ ସଚେତନତା ସୃଷ୍ଟି କରିବା
- ପ୍ରତ୍ୟେକ ପରିବାରକୁ ନାମ ନଲେଖାଇ ଥିବା, ବିଦ୍ୟାଳୟ ତ୍ୟାଗୀ, ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସୂଚନା ସଂଗ୍ରହ କରିବା ଏବଂ ପରିବାର ସର୍ବେକ୍ଷଣ କରିବା
- ବସ୍ତି ଅଞ୍ଚଳର ମାନଚିତ୍ର ପ୍ରସ୍ତୁତ କରିବା
- ସ୍ଥାନୀୟ ସଂସ୍ଥା/ରାଜ୍ୟ ପ୍ରଶାସନ ସହ କ୍ରିୟା ପ୍ରତିକ୍ରିୟା କରିବା
- ପ୍ରାକ୍ ବିଦ୍ୟାଳୟ, ପ୍ରତିକାରମୂଳକ ଶ୍ରେଣୀ ଏବଂ ବୃତ୍ତିଗତ କୌଶଳ ତାଲିମ ନିମିତ୍ତ କେନ୍ଦ୍ରମାନ ସ୍ଥାପନ କରିବା
- ଆର୍ଥୀକ ଓ ସମ୍ବଳ ସହାୟତା ପ୍ରଦାନ କରିବା

ଗଠିତ ହୋଇଥିବା ଢାଞ୍ଚା ଗୁଡିକ ହେଲା: ପଡୋଶୀ ଦଳ (NHG), ପଡୋଶୀ ବା ବସ୍ତି କମିଟି (BC), ବସ୍ତି ଶିକ୍ଷାକମିଟି (BFC), ସହାୟକ ଶିଶୁ କେନ୍ଦ୍ର (SSK)

ନିଜ ଅଗ୍ରଗତି ଆକଳନ - ୭

ଯଦି କୌଣସି ଢାଞ୍ଚା କାର୍ଯ୍ୟ କରୁଥାଏ ତାହାର ସୂଚନା ଖୋଜି ବାହାର କର ଏବଂ ସେଗୁଡିକର କାର୍ଯ୍ୟ ଖୋଜି ବାହାର କର ଯେପରି ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମ୍ୟ ଶିକ୍ଷାକମିଟ୍/ୱାର୍ଡ କମିଟି; ବେସରକାରୀ ସଂସ୍ଥା, ସ୍ୱେଚ୍ଛାସେବୀ: ସ୍ୱୟଂ ସହାୟକ ଗୋଷ୍ଠୀ

ନିଜ ଅଗ୍ରଗତି ଆକଳନ - ୮

ଘଟଣା ଅଧ୍ୟୟନଗୁଡିରୁ ଏହା ସ୍ପଷ୍ଟ ଯେ ନଭସାରୀ, କୃଷିବାଡିର ଆମ୍ବେଦକର ପ୍ରାଥମିକ ଶାଳାରେ ଗୋଷ୍ଠୀ ଅନ୍ତର୍ଭୁକ୍ତ ହୋଇ ନଥିଲା ତେଣୁ, ବିଦ୍ୟାଳୟ ଅବସ୍ଥା ଓ ଏହାର କାର୍ଯ୍ୟ ଶୈଳୀ ସନ୍ତୋଷଜନକ ହୋଇ ନଥିଲା ବେଳେ ଯୋବାନଟିକ୍ରୀ ପ୍ରାଥମିକ ବିଦ୍ୟାଳୟ, ବରୋଦାରେ ଗୋଷ୍ଠୀ ସକ୍ରିୟଭାବେ ନୟୋଜିତ ହୋଇଥିଲେ ଏବଂ ସେମାନେ ବିଦ୍ୟାଳୟ ପରିସର ସଫାକରିବା ଏବଂ ରକ୍ଷଣାବେକ୍ଷଣ କରିବା, ପିଲାମାନଙ୍କର ଉପସ୍ଥାନ ତଦାରଖକରିବା ଏବଂ ପିଲାମାନଙ୍କୁ ବ୍ୟବହାରିକ କୌଶଳ ଶିକ୍ଷାଦାନ ଦେବା ଭଳି ଭିନ୍ନ କାର୍ଯ୍ୟ ଗୁଡିକରେ ସାହାଯ୍ୟ କରିଥିଲେ ।

ଟିପ୍ପଣୀ

୨. ଭଦୋଦରା ଯୋବାନଟୀକ୍ରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଗୋଷ୍ଠୀ ସହିତ ସଂପର୍କ ସ୍ଥାପନରେ ସାହାଯ୍ୟ କରିଥିଲେ ।

୩. ନଭସାରୀ, କୃଷିବାଡିର ଅମ୍ବେଦକର ପ୍ରାଥମିକ ଶାଳାରେ ବିଦ୍ୟାଳୟ ପରିଚାଳନା କମିଟ୍ ଗଠନ କରିବା ଆବଶ୍ୟକତା ଥିଲା ଏବଂ ଦାୟିତ୍ୱ ଗୁଡିକ ବିଷୟରେ ତାଲିମ୍ ଓ ପରିଚିତି କରଣ କରାଯିବା ଉଚିତ । ଶିକ୍ଷକମାନେ ଗୋଷ୍ଠୀ ସହିତ ସଂପର୍କ ସ୍ଥାପନ କରିବା ନିମିତ୍ତ ଚେଷ୍ଟା କରିବା ଏବଂ ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ସଚେତନତା କାର୍ଯ୍ୟକ୍ରମ, ପିଲାମାନଙ୍କ ଉପସ୍ଥାନ ତଦାରଖ, ବିଦ୍ୟାଳୟ ବାହାର ପିଲାଙ୍କ ଚିହ୍ନଟ ଆଦିରେ ସକ୍ରିୟ ସହାୟତା ଲୋଡିବା ଉଚିତ ।

## ୩.୧୭ ପାଠାନ୍ତ ପ୍ରଶ୍ନାବଳୀ

୧. ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅବଦାନ କରିପାରିବା ଭଳି ଅତ କମରେ ଛଅଗୋଟି ଉପାୟଗୁଡିକ ଲେଖ ।

୨. ବିଦ୍ୟାଳୟଶିକ୍ଷାକୁ ଗୋଷ୍ଠୀ କିପରି ଅଭିବୃଦ୍ଧି କରିପାରିବ ?

୩. ସ୍ଥାନୀୟ ସମ୍ବଳସମୂହକୁ ଗୋଷ୍ଠୀ ଚିହ୍ନଟ ଓ ସଂଗଠିତ କରିବାର ଉପାୟଗୁଡିକୁ ଆଲୋଚନା କର ।